Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 3
Saturday, 7 March 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୭ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଗାଁକୁ ସଶକ୍ତ କରିବା ଆମର ଲକ୍ଷ୍ୟ : ଅମିତ ଶାହ

ଭୁବନେଶ୍ୱର, ୬।୩ (ଆ.ପ୍ର) : ଏକ ଦିବସୀୟ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ । ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ଲଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି ଶ୍ରୀ ଶାହ । ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଛନ୍ତି, ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି । ସେ ଏହା ମଧ୍ୟ କହିଛନ୍ତି, ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ବିକାଶ ପଥରେ ଆଗେଇ ଚାଲିଛି । ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତ୍ତା ସମ୍ବନ୍ଧିନୀୟ ଆୟୋଜନ କରାଯାଇଛି ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ମେଇଥିବା ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇଛନ୍ତି । ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନବୋଦ୍ଭାବନୁ ଗୁଡ଼ିକ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଇଛି । ଧାନ ଚାଷୀମାନଙ୍କୁ ୩।୧୦୦ ବଙ୍ଗାଳ ଏମ୍‌ଏସପି ପ୍ରଦାନ କରିବା ପାଇଁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଧାନମନ୍ତ୍ରୀ କରାଯାଇଛି । ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ବୋଲି ମତ ପ୍ରକାଶ କରିଛନ୍ତି ଶ୍ରୀ ଶାହ । ଓଡ଼ିଶାର ବିକାଶ ଯାତ୍ରାରେ ଯୋଡ଼ି ହୋଇଛି ନୂତନ ଫର୍ଦ୍ଦ । ଆଜି ଗୋଟିଏ ଦିନରେ ୩।୨୭ଟି କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏଥିସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି । ଏହାମାଧ୍ୟମରେ ଓଡ଼ିଶାର ଚାଷୀ ସମୃଦ୍ଧ ହେବ, ଓଡ଼ିଶାର ଯୁବକ ସମୃଦ୍ଧ ହେବେ, ଓଡ଼ିଶାର ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡ଼ିଶା ସମୃଦ୍ଧ ହେବ

ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୁଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତ୍ତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ । ଏହାଦ୍ୱାରା ୨୦୨୫ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୩ରେ ମାତ୍ର ୬.୭ ପ୍ରତିଶତ ଥିଲା । ପୁଲିସ ସଂସ୍ଥାର ସହିତ, 'ସହଜାତୀୟ ସେ ସମୃଦ୍ଧି' ଆମ ସମୃଦ୍ଧ ଓଡ଼ିଶାର ଦୃଷ୍ଟିକୋଣ ସହିତ ମେଳ ଖାଇଛି । ଜାରଣ, ସମବାୟ ମାଧ୍ୟମରେ, ସମାଜର ପଛୁଆ ବର୍ଗର ଲୋକମାନେ ଆର୍ଥିକ ପ୍ରତିଷ୍ଠାରେ ସାମିଲ ହୋଇଥାନ୍ତି । ଯେତେବେଳେ ରାଜ୍ୟର କୋଟିକୋଟି ଲୋକ ଆର୍ଥିକ ଭାବରେ ସଶକ୍ତ ହେବେ, ସେତେବେଳେ ଓଡ଼ିଶା ସମୃଦ୍ଧ ହେବ ଏବଂ ଭାରତ ବିକଶିତ ହେବ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ୍ ଶାହଙ୍କ ଦିଗ୍‌ଦର୍ଶନ ସହିତ, ଓଡ଼ିଶାରେ ପରିବର୍ତ୍ତନର ସ୍ୱପ୍ନ ଦେଖି ଆପଣମାନେ ଯେଉଁ ସରକାର ଗଠନ କରିଛନ୍ତି, ସେ ସ୍ୱପ୍ନ ନିଶ୍ଚୟ ସାର୍ଥକ ହେବ । ଶ୍ରେଷ୍ଠ ଭୂମି ୨.୫ ଅର୍ବରୁଦ୍ଧ ଅନେକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି-୨୦୨୬ କାର୍ଯ୍ୟକାରୀକରଣ ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ । ଏହି ନୂତନ ନୀତି କେନ୍ଦ୍ର ସରକାରଙ୍କ ଜାତୀୟ ନୀତିର ଦୃଷ୍ଟିକୋଣକୁ ଆଧାର କରି ପ୍ରସ୍ତୁତ କରାଯାଇଛି । 'ସହଜାତୀୟ ସେ ସମୃଦ୍ଧି'ର ଦୃଢ଼ଦୃଷ୍ଟିକୁ ନେଇ ସମୃଦ୍ଧ ଓଡ଼ିଶା-୨୦୩୬ର ପରିକଳ୍ପନା ମଧ୍ୟ ଏଥିରେ ରହିଛି । ଏଥିସହିତ ୧୫୬୬ ପଞ୍ଚାୟତ କମନ୍ ସର୍ଭିସ୍ ସେଂଟର ଲୋକାର୍ପଣ ସହିତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ସ୍କୁଲ ଅଫ୍ ଡ଼ିଜାଇନ ସହକାରୀ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ସ୍ଥାପନ ପାଇଁ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ବଡମ୍ବା ଅଞ୍ଚଳର ଲକ୍ଷାଧିକ ଲୋକଙ୍କ ସ୍ୱପ୍ନ ପୂରଣ ହେଉଛି । ବଡମ୍ବା ସମବାୟ ଚିନି କଳର ପୁନରୁଦ୍ଧାର ପାଇଁ ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ସମ୍ବାଲପୁର ଜିଲ୍ଲାର ଓଡ଼ିଶା ମିଲ୍ସ ଫେଡେରେସନ୍ ବା ଓମ୍‌ଫେଡ୍ ହେଉଛି ଓଡ଼ିଶାର କାମଧେନୁ । ଦିନକୁ ୫ ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ସଂଗ୍ରହ କରି ଚାଷୀଙ୍କୁ ରୋଜଗାର ଦେବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ମାସକୁ ୩୦ ଟନ୍ ଘୃତ ଯିଆ ଯୋଗାଇ ଦେଇ ଆମ ଆଧ୍ୟାତ୍ମିକ ଜୀବନଧାରାରେ ଶୁଦ୍ଧତାକୁ ବଜାୟ ରଖିବାରେ ସହାୟକ ହୋଇପାରିଛି । ଆଜି ଖୋର୍ଦ୍ଧା ଗଙ୍ଗାରେ ଏକ ନୂଆ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟର ଉଦଘାଟନ ମଧ୍ୟ କରାଯାଇଛି । ଏଥିରେ ଦିନକୁ ୩୦ ହଜାର ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯାଇ ଲୋକଙ୍କ ପାଇଁ ଉପଲବ୍ଧ ହେବ । ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ଯୋଗ ଦେବା ଅବସରରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଶାହ ପ୍ରଥମେ ନାଗରିକ ଭିତ୍ତିକ ନୂତନ ନ୍ୟାୟ ସଂହିତାର ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତିଯେ ଓଡ଼ିଶା ପୁଲିସ ସହ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଆଭ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଆମ ପୋଲିସକୁ ଆଧୁନିକ ତାଲିମ ମଧ୍ୟ ପ୍ରଦାନ କରିବ । ଏସୁସହ ରାଜ୍ୟର ୨୦ ଜିଲ୍ଲାରେ ୨୦ ଟି ନୂତନ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ପୋଲିସ ଥାନାର ଲୋକାର୍ପଣ ଆଭାସୀ ମାଧ୍ୟମରେ କରିଛନ୍ତି । ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ଲୋକଭିମୁଖୀ କରିବା ପାଇଁ ୨୪ ଟି ନୂତନ ଥାନାର ଲୋକାର୍ପଣ ମଧ୍ୟ କରିଛନ୍ତି । ଆଜି ସମ୍ବଲପୁର କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହ ଆଜି କଟକଜିଲ୍ଲା ମୁଣ୍ଡଳୀ ଠାରେ ଥିବା ସିଆଇଏସଏଫ୍‌ର ପ୍ରତିଷ୍ଠା ଦିବସରେ ଯୋଗଦେଇଥିଲେ ଏବଂ ପରେ ପରେ ପାରାଦ୍ୱୀପଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଇଫକୋର ପଗାଦାପ ପ୍ଲାଣ୍ଟରେ ପ୍ରଥମ ସଲଫୁରିକ୍ ଏସିଡ୍ ପ୍ଲାଣ୍ଟ (ଏସଏପି-ଥ୍ରୀ)କୁ ଗାଣ୍ଡୁ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏହା ସହିତ, କାର୍ଯ୍ୟକ୍ରମରେ ୧୪୧ଟି ପ୍ୟାକ୍ସ ପାଇଁ ଆବଶ୍ୟକତା-ଭିତ୍ତିକ ଭିତ୍ତିଭୂମିର ଆଭାସୀ ଉଦଘାଟନ, ସମବାୟ ନିବନ୍ଧକ (ଆରସିଏସ) ଅଫିସ୍ ପୋର୍ଟାଲ୍ ଆରମ୍ଭ, ନ୍ୟାସନାଲ୍ କୋଅପରେଟିଭ୍ ଅର୍ଗାନିକ୍ସ ଲିମିଟେଡ୍ ର ଡାଇରେକ୍ଟ-ଟୁ-କଞ୍ଜୁମର୍ (ଡିଟୁସି) ପୋର୍ଟାଲ୍ ଆରମ୍ଭ, ଏବଂ ନେସନାଲ୍ କୋଅପରେଟିଭ୍ ଏକସପୋର୍ଟ୍ ଲିମିଟେଡ୍ ଦ୍ୱାରା ବିକଶିତ 'କୁମ୍ଭ ମାର୍କ' ଏବଂ ଏକ ଏଆଇ ଆଧାରିତ ବହୁଭାଷୀ ଡିଜିଟାଲ୍ ଶିକ୍ଷଣ ପ୍ଲାଟଫର୍ମ 'ସାଦିବ୍ୟା'ର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦୁଗ୍ଧ ଉତ୍ପାଦନ ଖେତୁଙ୍କୁ ସୁଦୃଢ଼ କରିବା ପାଇଁ ଓମଫେଡ୍ ସହ ଜଡିତ ପଦକ୍ଷେପଗୁଡ଼ିକ ମଧ୍ୟ ଶୁଭାରମ୍ଭ କରାଯାଇଛି । ବୁଧବାର ଦୁଗ୍ଧ ଉତ୍ପାଦକ ସମବାୟ ସମିତିକୁ ପୁରସ୍କାରପତ୍ର ବଣ୍ଟନ କରାଯାଇଛି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ଦିବାଧିକାରୀ ଚାଷୀ ମାନଙ୍କୁ ଅନୁଦାନ ମଧ୍ୟ ପ୍ରଦାନ କରାଯାଇଛି ଏବଂ ଏକ ତାଲିମ ଓ ପ୍ରଦର୍ଶନ କେନ୍ଦ୍ରର ଉନ୍ନତିକରଣ ପାଇଁ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି) ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ, ବିଭିନ୍ନ ବିଭାଗ ସହ ଜଡିତ ପ୍ରକଳ୍ପଗୁଡ଼ିକର ଏକ ଭିତ୍ତିଓଡ଼ିତ୍ତ ଉପସ୍ଥାପନା କରାଯାଇଥିଲା ଏବଂ ୧୧୫୯.୦୩ କୋଟି ଟଙ୍କାର ମୋଟ ୬୯ଟି ପ୍ରକଳ୍ପର ଉଦଘାଟନ କରାଯାଇଛି । ସେହିପରି ୨୧୧୬.୦୬ କୋଟି ଟଙ୍କାର ୧୩୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ପ୍ରତାପ ଦେବ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏପ୍ରିଲ ୧ରୁ ରାଜ୍ୟରେ ଆରମ୍ଭ ହେବ ଏସ୍‌ଆଇଆର

ଭୁବନେଶ୍ୱର, ୬।୩ (ଆ.ପ୍ର) : ଓଡ଼ିଶାରେ ଏପ୍ରିଲ ୧ ତାରିଖରୁ ଆରମ୍ଭ ହେବ SIR ପ୍ରକ୍ରିୟା । ଭୋଟର ତାଲିକାକୁ ଅଧିକ ସଠିକ୍ ଓ ପାରଦର୍ଶୀ କରିବା ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ଏହି ବିଶେଷ କାର୍ଯ୍ୟକ୍ରମ କରାଯାଉଛି । ଯଦି ଆପଣ ୨୦୨୫ ଭୋଟର ତାଲିକାରେ ଅଛନ୍ତି, ତେବେ ୨୦୦୨ରେ ଆପଣ କେଉଁଠି ଥିଲେ ଏବଂ ଆପଣଙ୍କ ନାଁ କେଉଁ ନିର୍ବାଚନମଣ୍ଡଳରେ ଥିଲା, ତାହା ଖୁଞ୍ଜି ବା ବୁଥ୍ ଲେଭଲ୍ ଅଫିସରଙ୍କୁ ଜଣାଇବାକୁ ହେବ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ, ଏବେ ସୁଦ୍ଧା ୯୦ ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ଟ୍ରେସିଂ କରାଯାଇଛି । ଅର୍ଥାତ୍ ୯୦% ଲୋକ ଉକ୍ତ ୨୦୦୨ ଏବଂ ୨୦୨୫ ତାଲିକାରେ ସମାନ ଅଛନ୍ତି । ଏହା ସହିତ ବେହେରା ନାମ ଜିମ୍ବା ଯାଂଚ ହୋଇପାରୁନଥିବା ନାମଗୁଡ଼ିକୁ ତାଲିକାରୁ ବାଦ ଦିଆଯିବ । ତେବେ ଶୁଣାଣିଚକ ଅପେକ୍ଷା ସହରାଞ୍ଚଳରେ ଏହି ମାପଂ କଷକର ହେଉଛି । ପ୍ରାୟ ୧୦ ପ୍ରତିଶତ ଲୋକଙ୍କୁ ଟ୍ରେସିଂ କରିବାରେ ସମସ୍ୟା ଉପୁଜିଛି । ଯଦି କୌଣସି ଭୋଟରଙ୍କ ନାମ ୨୦୦୨ ତାଲିକାରେ ନଥିଲା ତେବେ ସେମାନଙ୍କ ବାସ୍ତା ମାଆଙ୍କ ତଥ୍ୟ ଖୋଜାଯିବ । ପ୍ରଶାସନର ଲକ୍ଷ୍ୟ ହେଉଛି ୯୫ ପ୍ରତିଶତ ମାପଂ ଶେଷ କରିବା, ଯାହାଦ୍ୱାରା ଭବିଷ୍ୟତରେ ଭୋଟର ତାଲିକାରେ କୌଣସି ତ୍ରୁଟି ଉଠିବ ନାହିଁ । ମାପଂ ସମୟରେ ଭୋଟରମାନେ କାହାକୁ ନିଜର କିଛି ଦସ୍ତାବିଜ ଦେବାର ଆବଶ୍ୟକ ନାହିଁ । ECINET ମୋବାଇଲ ଆପ୍ ମାଧ୍ୟମରେ ଛକ୍ କୋଡ୍ ସ୍କାନ୍ କରି ଭୋଟରଙ୍କ ବିବରଣୀ ଖୋଜିପାରିବେ ଓ Voter Service Portal ଓ CEO ଓଡ଼ିଶାସାଇଟ୍ ମାଧ୍ୟମରେ ମଧ୍ୟ ଭୋଟର ତାଲିକା ସମ୍ବନ୍ଧୀୟ ସେବା ମିଳୁଛି ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ଥୁଗୋପାଳନ ।

ଅନିଲ ଅମ୍ବାନୀଙ୍କ ମୁମ୍ବାଇର ୧୦-୧୨ ସ୍ଥାନ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚଢ଼ାଉ

ନୂଆଦିଲ୍ଲୀ, ୬।୩(ନ୍ୟୁ.ଏ): ଶୁକ୍ରବାର ସକାଳୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ED) ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ପାୱାର ଏବଂ ଏହାର ସହଯୋଗୀ କମ୍ପାନୀ ଗୁଡ଼ିକର ଠିକଣାରେ ଏକ ବଡ ଧରଣର ଚଢ଼ାଉ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଇଡି ୧୫ଟି ଦଳ ଏକକାଳୀନ ମୁମ୍ବାଇର ୧୦ ରୁ ୧୨ ଟି ସ୍ଥାନରେ ଚଢ଼ାଉ କରିଛି । ବ୍ୟାଙ୍କ ଠକେଇ ଏବଂ ମନି ଲଣ୍ଡରିଂ ସହିତ ଜଡିତ ସୁରୁଣା ମାମଲାର ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଉକ୍ତ ରିଲାଏନ୍ସ ପାୱାରର ପୂର୍ବତନ ନିର୍ଦ୍ଦେଶକ, ସହଯୋଗୀ ଏବଂ ଜଡିତ ବ୍ୟକ୍ତି ମାନଙ୍କ ଘର ଏବଂ କାର୍ଯ୍ୟାଳୟ ଉପରେ ନଜର ରଖାଯାଇଛି । ଏହି ଚଢ଼ାଉ ୪୦ ହଜାର କୋଟିରୁ ଅଧିକ ଟଙ୍କାର ଏକ କଥିତ ବ୍ୟାଙ୍କ ଠକେଇ ଏବଂ ମନି ଲଣ୍ଡରିଂ ମାମଲାର ଏକ ଅଂଶ । ଗତ କିଛି ମାସ ମଧ୍ୟରେ, ଉକ୍ତ ଅନିଲ ଅମ୍ବାନୀଙ୍କୁ ପଚରାଉଚରା ପାଇଁ ଅନେକ ଥର ସମନ ଜାରି କରିଛି, ଯେଉଁଥିରେ ଫେବୃଆରୀ ୨୦୨୬ ରେ ୯ ଘଣ୍ଟାରୁ ଅଧିକ ସମୟ ପାଇଁ ପଚରାଉଚରା ମଧ୍ୟ ସାମିଲ ଅଛି । ସୂତ୍ର ଅନୁଯାୟୀ, ଆଜିର ଚଢ଼ାଉ ରିଲାଏନ୍ସ ପାୱାର ସହିତ ଜଡିତ । ଡକ୍ୟୁମେଂଟ, ଡିଜିଟାଲ୍ ଡିଭାଇସ୍ ଏବଂ ଅନ୍ୟାନ୍ୟ ପ୍ରମାଣ ଜବତ କରାଯାଇଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ED) ପୂର୍ବରୁ ଅନିଲ ଅମ୍ବାନୀଙ୍କ ମୁମ୍ବାଇର ବିଳାସପୂର୍ଣ୍ଣ ଭାଲଭନ 'ଆବୋଡ୍' କୁ ୩।୭୧୬ କୋଟିରେ ଅଟାଚ୍ କରିସାରିଛି । ଏହା ସହିତ ୧୫,୦୦୦ କୋଟି ମୂଲ୍ୟର ସମ୍ପତ୍ତି ଅଟାଚ୍ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ୟେସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଏବଂ ଅନ୍ୟାନ୍ୟ ବ୍ୟାଙ୍କରୁ ନିଆଯାଇଥିବା ଋଣର ଅପବ୍ୟବହାର ଏବଂ ପାଣ୍ଠି ସ୍ଥାନାନ୍ତର ଅଭିଯୋଗ ଉପରେ ଆଧାରିତ । ପୂର୍ବରୁ, ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେସନ୍ସ (RCOM) ଉପରେ ଚଢ଼ାଉ କରାଯାଇଛି । ରିଲାଏନ୍ସ ପାୱାର ଲିମିଟେଡ୍ ଗଣମାଧ୍ୟମ ରିପୋର୍ଟକୁ ଉଦ୍ଧୃତ କରିଛି ଯେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ED) କମ୍ପାନୀର କୌଣସି କାର୍ଯ୍ୟାଳୟ କିମ୍ବା ପରିସରରେ ଚଢ଼ାଉ କରିନାହିଁ । ୬ ମାର୍ଚ୍ଚ, ୨୦୨୬ ରେ BSE ଏବଂ ଫଏରେ କୁ ପଠାଯାଇଥିବା ଏକ ଚିଠିରେ, କମ୍ପାନୀ କହିଛି ଯେ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଉକ୍ତ ରିଲାଏନ୍ସ ପାୱାର ସହିତ ଜଡିତ ସ୍ଥାନ ଗୁଡ଼ିକରେ ଚଢ଼ାଉ କରିଛି, କିନ୍ତୁ କମ୍ପାନୀର ଜ୍ଞାତ ଅନୁସାରେ, ଏପରି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ।

ରାଜ୍ୟସଭା ନିର୍ବାଚନ: ଯାଂଚ ପରେ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ

ଭୁବନେଶ୍ୱର, ୬।୩ (ଆ.ପ୍ର) : ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ସରିଲା ନାମାଙ୍କନପତ୍ର ଯାଂଚ । ମାଇଦାନକୁ ଓହ୍ଲାଇଥିବା ୫ ମାଇଦାଣ୍ଡାଙ୍କ ପ୍ରାର୍ଥିପତ୍ର କାଏମ । କେହି ପ୍ରସ୍ତାବକ ନଥିବାରୁ ତେଲେଙ୍ଗାନାରୁ ନାମାଙ୍କନ କରିଥିବା କାନ୍ତେ ସାୟାନାଙ୍କ ପ୍ରାର୍ଥିପତ୍ର ଯାଂଚ ପରେ ନାକଚ ହୋଇଛି । ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ, ବୁଜିତ କୁମାର ଏବଂ ବିଜେଡିରୁ ସଂଗୁପ୍ତ ମିଶ୍ର ରାଜ୍ୟସଭା ପାଇଁ ପ୍ରାର୍ଥିପତ୍ର କାଏମ ରହିଛି । ସେହିଭଳି ତତ୍ପରି ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା କମଳ ପ୍ରାର୍ଥୀ ରାଜ୍ୟର ସୁଜାତାଧ୍ୟକ୍ଷ ଡାକ୍ତର ପ୍ରକେଶର ବରେଶ୍ୱର ହୋତା ପ୍ରାର୍ଥୀପତ୍ର ମଧ୍ୟ କାଏମ ରହିଛି । ଅନ୍ୟପଟେ ଏହି ଆସନ ପାଇଁ ବିଜେପି ସମର୍ଥନରେ ନାମାଙ୍କନ ଭରି ମାଇଦାନକୁ ଓହ୍ଲାଇଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଭୁପ୍ରସାଦ ରାୟ ପ୍ରାର୍ଥିପତ୍ର କାଏମ ରହିଛି । ମାର୍ଚ୍ଚ ୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ । ୧୬ରେ ହେବ ଭୋଟ ଗ୍ରହଣ ।

ଅନୁଜ ଅଗ୍ନିହୋତ୍ରୀ ହେଲେ ୟୁପିଏସ୍‌ସି ଟପର

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦୈନିକ
ଆରମ୍ଭ
SEITHO ARAMBHA

ଶନିବାର, ୭ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନବରଙ୍ଗପୁର, ୬।୩ (ଆ.ପ୍ର) : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାରେ ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତିମୂଳକ ବୈଠକ ଗତକାଲି ୫.୩.୨୦୨୬ ରିଖ ସ୍ଥାନୀୟ ଅଶୋକ ମେହେତା ସଙ୍କିନୀନୀ ସ୍ତରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟନନ୍ଦିନ୍ ଗାହାଣ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ଏନ୍.ଏସ୍.ଏସ୍ ବିନୋଦ ବିହାରୀ ପ୍ରଧାନ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ "ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର "କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳିତ କରାଯାଇଛି । ଏହାର ପ୍ରତିଫଳନ ସ୍ୱରୂପ ଆଜି ୬.୩.୨୦୨୬ ରିଖ ସକାଳ ୮.୦୦ ଘ ସମୟରେ ଆରମ୍ଭିତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମହିଳାମାନଙ୍କ ପାଇଁ ଏକ ସାମୂହିକ ଯୋଗ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୦ରୁ ଅଧିକ ଛାତ୍ରୀ, ମିଶନ ଶକ୍ତି କର୍ମୀ, ଏନ୍.ସି.ସି ଓ ଏନ୍.ଏସ୍.ଏସ୍ ସଦସ୍ୟୀମାନେ ଯୋଗ ଦେଇଥିଲେ । ଯୋଗ ଅଭ୍ୟାସ ସମୟରେ ଛାତ୍ରୀମାନଙ୍କୁ ଯୋଗର ଗୁରୁତ୍ୱ ଏବଂ ଏହା କିପରି ସଶକ୍ତ ମହିଳା ଗଠନ କରିବାରେ ସହାୟକ ହୁଏ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା । ଆଗାମୀ କାର୍ଯ୍ୟକ୍ରମରେ ଆସନ୍ତା କାଲି ୭ ମାର୍ଚ୍ଚ ମହିଳାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ, ୮ ମାର୍ଚ୍ଚ ମହିଳାମାନଙ୍କ ପାଇଁ ମାରାଥନ ଏବଂ କାର୍ଯ୍ୟକ୍ରମଗୁଡ଼ିକ ମହିଳାମାନଙ୍କର ସ୍ୱାସ୍ଥ୍ୟ, ଆତ୍ମନିର୍ଭରତା ଓ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରାଯାଇଛି ।

ରଙ୍ଗ ଓ ଭାଇଚାରାର ପର୍ବ ହୋଲି ପାଳନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ 'ଫୁ', ବିଭିନ୍ନ ମେଳଣରେ ଡିଜେ କମ୍ପନରେ ହଜିଗଲା ପାରମ୍ପରିକ ବାଦ୍ୟ

ଧାମନଗର, ୬।୩ (ଆ.ପ୍ର) : ଧାମନଗର ସହରାଂଚଳରେ ଗରମଗରା, ସଂସ୍କୃତି, ଐତିହ୍ୟ ଓ ଅଧ୍ୟାତ୍ମିକତାର ବାର୍ତ୍ତା ବହନ କରୁଥିବା ରଙ୍ଗ ଓ ଭାଇଚାରାର ପର୍ବ ହୋଲି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଗରୁଡାଳ ବସନ୍ତର ଆଗମନୀ ପର୍ବ 'ହୋଲି' ବୋଲି କିଛି ମତ ଦିଅନ୍ତି । ବିଭିନ୍ନ ପୌରାଣିକ ଓ କିମ୍ବଦନ୍ତୀ ଅନୁସାରେ ରାଧାକୃଷ୍ଣଙ୍କ ପ୍ରେମମୟ ଲୀଳାର ହୋଲି ପର୍ବ କେବଳ ସେମାନଙ୍କ ଅମର ପ୍ରେମକୁ ରଙ୍ଗାୟିତ କରିବା ସୋଳ ମେଳଣର ସୃଷ୍ଟି ବୋଲି ଜନ ବିଦିତ ଥିବା ବେଳେ ପ୍ରଳୟାନ୍ତ ଆଖ୍ୟାନରେ ହୋଲିକାକୁ ଦହନ 'ହୋଲି' ପର୍ବ ପାଳନର ଅନ୍ୟଏକ ବୃତ୍ତାନ୍ତ ବୋଲି କିଛି ପୁରାଣବିତ ମତ ଦିଅନ୍ତି । ଭକ୍ତ ଓ ଭଗବାନ ଏକାଠି ହେବା ପରମ୍ପରା ଓ ଉତ୍ସବ ମଧ୍ୟରେ ହୋଲି ଏବଂ ଫଗୁ ଉତ୍ସବ ଅତି ପ୍ରାଚୀନ । ଏହି ଉତ୍ସବରେ ପରମ ପ୍ରେମମୟ ପାଲୁର ତାଙ୍କ ଶାଶ୍ୱତ ଅଂଶ ଶ୍ରୀରାଧାଙ୍କ ସହ ଭକ୍ତଙ୍କ ନିକଟତର ହୁଅନ୍ତି । ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଫଗୁଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ପର୍ବକୁ ଫଗୁ (ହୋଲି) ଉତ୍ସବ ଓ ପୂର୍ଣ୍ଣିମା ଠାରୁ ପଂଚମୀ ପର୍ଯ୍ୟନ୍ତ ପର୍ବକୁ ପଂଚୁଦୋଳ କୁହାଯାଏ । ଏହି ଅବସରରେ ଗୁରୁବାର ରାତିରେ ଧାମନଗର ସହରାଂଚଳ ଅଧିନସ୍ଥ ମେଡିକାଲ ବଜାର ନିକଟସ୍ଥ ଶ୍ୟାମସୁନ୍ଦର ସ୍ଥିତ ମେଳଣ ପଡ଼ିଆ ଠାରେ ଶ୍ୟାମସୁନ୍ଦର ମେଳଣ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଶ୍ୟାମସୁନ୍ଦର ଗ୍ରାମର ରାଧାକୃଷ୍ଣ ଶ୍ରୀଜୀଉଙ୍କୁ ପ୍ରଥମେ ମେଳଣ ମଣ୍ଡପରେ ସ୍ଥାନ ଅଳଙ୍କୃତ କରିଥିଲେ । ଏହାପରେ ଜଳ ସାହି, ରୋହିରାପଡା, ମଣ୍ଡେଲ ବାଟି, ବଜାର ସାହି, ଥାନାପଡି, ବାଣ୍ଡୁଆଆଡି, କୋଡିଗାଁ, ଗଲଡ଼ ସାହି ଆଦି ଅଂଚଳରୁ ଶ୍ରୀରାଧାଗୋବିନ୍ଦ ଶ୍ରୀଜୀଉଙ୍କୁ ସୁସଜ୍ଜିତ କରି ବିଭିନ୍ନ ଗାଡିରେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ମେଳଣ ମଣ୍ଡପ ଠାରେ ପହଂଚି ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଉପଲକ୍ଷେ ମେଳଣ କମିଟି ପକ୍ଷରୁ ବିଭିନ୍ନ ଗରଫରୁ ସମ୍ମାନ ଶ୍ରୀଜୀଉଙ୍କୁ ସ୍ୱାଗତ କରିଥିବା ବେଳେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ବ୍ଲକ ଅନ୍ତର୍ଗତ ବରାଜଡିହ ମେଳଣ ହୋଇଛି ଅଂଚଳର ସର୍ବ ପୁରାତନ ତଥା ୨୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟର ଅନୁଷ୍ଠାନ । ଆଖପାଖ ଅଂଚଳରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିମାନରେ ବିଜେହୋଇ ପାଲୁର ମାନେ ଏହି ମେଳଣ ପଡିଆକୁ ଆସନ୍ତି ଓ ଏହିମେଳଣ ସହିତ ଲୁଣିଆ (ମହାଗଡ଼ିଆ) ଏବଂ ଶହୀଦ ନଗର ମେଳଣ ଓ ତା ପୂର୍ବରୁ ପଳିକିରୀ, ସୂର୍ଯ୍ୟପୁର, ଅର୍ଜୁନପୁର ଓ ପରେ କୁରୁଆ ଏବଂ ଧାମନଗର ମେଳଣ ଅନୁଷ୍ଠିତ ହୋଇ ଯାଇଛି । ପାରମ୍ପରିକ ବାଦ୍ୟ କମ ମାତ୍ର ଡିଜେ ବାଦ୍ୟର ଛାଇଥିଲା ଶବ୍ଦରେ ଗୁଳୁଳିଲା ଏହି ସବୁ ସ୍ଥାନର ମେଳଣ । ଗୁଡାକୁଟି, ମଙ୍ଗଳାପଦା ମେଳଣ, ଏଥିସହିତ ଧାମନଗର ଅଂଚଳର ପାଳସାହି, ଅସୁରାଣି, କଟସାହି ଇତ୍ୟାଦି ସ୍ଥାନରେ ଦୋଳ ମେଳଣ ଭକ୍ତି ଆନନ୍ଦର ସହ ପାଳିତ ହୋଇଛି । ଧାମନଗର ଏସ୍ ଡି ପି ଓ ଅନିରୁଦ୍ଧ ମୁଦୁଲି, ଧାମନଗର ଆଇଆଇସି ସୁଭଜିତ ବାଶ ଏବଂ ଧୁଣ୍ଡୁରା ଆଉଆଇସି ଅଜୟ ସୁଦର୍ଶନ ବେଜଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସର ପେଟ୍ରୋଲିଂ ସହିତ ବିଭିନ୍ନ ଛକ ବଜାର ମେଳଣ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା ।

ଟିକାବାଲି କଲେଜରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ

ଟିକାବାଲି, ୬।୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସି ଏସ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ବାଳକୃଷ୍ଣ ମାହାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଟିକାବାଲି ସଂଗଠନ ସମିତି ଅଧ୍ୟକ୍ଷ ଦିଲ୍ଲୀପ କର୍ଣ୍ଣର ତାଙ୍କ ବକ୍ତବ୍ୟରେ କହିଲେ ଛାତ୍ରୀ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିଲେ ସେ କାହାରିକୁ ଭୟ କରିବ ନାହିଁ । ମୁଖ୍ୟବକ୍ତା ଭାବେ ସ୍ୱାତୀ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦିକା ଶ୍ରୀମତୀ ସୁସ୍ମିତା ଜେନା ଯୋଗଦେଇ ଆତ୍ମ ସୁରକ୍ଷା ତାଲିମ ଶିବିର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ ମାଷ୍ଟର ଟ୍ରେନର ପିଜି ଛାତ୍ରୀ ଜ୍ୟୋତିର୍ମୟୀ ପ୍ରଧାନ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ । ଏହି ଶିବିରରେ ଆଠ ଦିନ ଧରି ସ୍ନାତକ ପ୍ରଥମ ବର୍ଷର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ । ଅଧ୍ୟାପିକା ସ୍ମୃତିରେଖା ନାୟକ ଏହି ଶିବିର ପରିଚାଳନା କରୁଛନ୍ତି ଏବଂ ଅଧ୍ୟାପିକା ନିବେଦିତା ଭୋଇ, ଅଧ୍ୟାପିକା ମୀରାମିକା, ଅଙ୍କିତା ପ୍ରିୟଦର୍ଶିନୀ ଅଧ୍ୟାପକ ବିରୁପାକ୍ଷ ତ୍ରିପାଠୀ, ଅମୂଲ୍ୟ ସାହତ, ରତନ କୁମାର ଦିଗାଲ, ଭକ୍ତ କିଶୋର ସାହୁ ସହଯୋଗ କରିଥିଲେ ।

ପାପଡାହାଣ୍ଡି ଠାରେ ନିଶା ମୁକ୍ତ ଭାରତ ପାଇଁ ସଂକଳ୍ପ ଅଭିଯାନ

ପାପଡାହାଣ୍ଡି, ୬।୩ (ଆ.ପ୍ର) : ପାପଡାହାଣ୍ଡି ପଂଚାୟତ ସମିତି ଆନୁକୂଲ୍ୟରେ ପାପଡାହାଣ୍ଡି ଠାରେ ନିଶା ମୁକ୍ତ ଓଡିଶା, ନିଶା ମୁକ୍ତ ଭାରତର ସଂକଳ୍ପ ଅଭିଯାନର ଶୁଭାରମ୍ଭ ହୋଇଛି, ପାପଡାହାଣ୍ଡି ନାନକଶେଣ୍ଡର ମନ୍ଦିର ପ୍ରାଙ୍ଗଣ ଠାରୁ ଏକ ବିରାଟ ପଟୁଆରରେ ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷ ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କମିନଦେବ ସାହୁ, ଜିପିଓ କମଳେଶ୍ୱର ବାସ, ଦିବ୍ୟଏଏଚ ଗୁରୁ କିସାନ, ପାପଡାହାଣ୍ଡି ସରପଂଚ ରାଜେଶ୍ୱରୀ ମାଝୀ, ବିପିସି ଶଶିଭାଷ ବାସ, ସିଡିପିଓ ପାପଡାହାଣ୍ଡି, ଏମବିକେ କର୍ମୀ, ଗ୍ରାମବାସୀ ପ୍ରମୁଖ ଯୋଗ ଦେଇ ନିଶା ମୁକ୍ତ ଭାରତ ଗଠନ ପାଇଁ ବିଭିନ୍ନ ପ୍ରଚାର ସ୍ଲୋଗାନ ଦେଇ ପାପଡାହାଣ୍ଡି ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ଠାରେ ପହଂଚି ନିଶା ମୁକ୍ତ ଓଡିଶା, ନିଶା ମୁକ୍ତ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପ ପାଠ କରିଥିଲେ, ନିଶା ଏକ ବିଷ ଏଥି ଯୋଗୁ ପରିବାର ଏବଂ ସମାଜକୁ ମଧ୍ୟ ନଷ୍ଟ ଜରେ, ସ୍ୱାସ୍ଥ୍ୟହାନି ହୁଏ, ଆର୍ଥିକ ସଙ୍କଟ ସୃଷ୍ଟି ହୁଏ, ସମାଜରେ ଅପରାଧ ବୃଦ୍ଧି ପାଇଥାଏ, ଏଥିପାଇଁ ସମାଜରେ ଏହାର କୁପରିଣାମ ବିଷୟରେ ଅନ୍ୟମାନଙ୍କୁ ସଚେତନ କରିବା ଏବଂ ନିଶାମୁକ୍ତ ଗାଁ ଓ ନିଶାମୁକ୍ତ ସହର ଗଠନରେ ସହଯୋଗ କରିବା ସହିତ ବୃକ୍ଷ ମଳେଚନ ରଖିବା, ଯୋଗ ଓ ପ୍ରାଣାୟାମ କରିବା ପାଇଁ ଉପସ୍ଥିତ ସମ୍ମତଙ୍କୁ ସଂକଳ୍ପ ପାଠ କରାଯାଇଥିଲା ।

ତିନୋଟି ବ୍ଲକର ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାକ୍ ସଦସ୍ୟଙ୍କ ଦାବିପତ୍ର ପ୍ରଦାନ

ଜି.ଉଦୟଗିରି, ୬।୩ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ୩ ଟି ବ୍ଲକ ଜି.ଉଦୟଗିରି, ରାଇକିଆ, ଟିକାବାଲି ଅଂଚଳର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ସାମାଜିକ ସଂଗଠନ ସ୍ୱାକ୍ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ କୃଷ୍ଣନ ଚନ୍ଦ୍ର ନାୟକଙ୍କୁ ସାକ୍ଷାତ କରି ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ଦିଗର ପଂଚାୟତ ଓ ଯୌଗ ନିର୍ବାଚନ ସରି ୪ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଅଂଚଳବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ହୋଇପାରିନାହିଁ । ଯାହାକୁ ନେଇ ଅଂଚଳରେ ଅସନ୍ତୋଷ ଦେଖିବାକୁ ମିଳୁଛି । ସାମାଜିକ ସଂଗଠନ ସ୍ୱାକ ତରଫରୁ ଲୋକଙ୍କ ସମସ୍ୟା ସରକାରଙ୍କ ନିକଟକୁ ନେଇ ତାର ସମାଧାନ ଉଦ୍ଦେଶ୍ୟରେ ଶୁଭୁଚାର ଜିଲ୍ଲାପାଳଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଛେଟି ଲିଖିତ ଦାବି ପତ୍ର ଦିଆଯାଇଛି । ଜି.ଉଦୟଗିରି ବ୍ଲକ ଶ୍ରୀରାମପୁର ଛକ ଠାରୁ ରଡିଗିଆ ଦେଇ ଗ୍ରେସିଗିଆ,ରାଇକଲା ପଂଚାୟତର ଶ୍ରୀକଲା ଠାରୁ ଖରିପାଯତ ଦେଇ କାକନାରା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ,ଏହାସହିତ ସୁକାନାଣ୍ଡା ଛକ ଠାରୁ ଚେଲିଗିଆ ଓ ଗଣ୍ଡୁଡ଼ା ଦେଇ ଟିକାବାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ପକ୍କା ରାସ୍ତା କାମ ତୁରନ୍ତ ଆରମ୍ଭ କରିବାକୁ ଦାବି ହୋଇଛି । ଟିକାବାଲି ବ୍ଲକ ଗାଡିଗିଆ ପଂଚାୟତର ପ୍ରାୟ ୪ ହଜାର ରୁ ଊର୍ଦ୍ଧ୍ୱ ଲୋକ ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଂଚିତ ଥିବାରୁ ସେଠାକୁ ବସ୍ ସେବା ଆରମ୍ଭ କରିବାକୁ ଦାବି କରାଯାଇଛି । ଏହାସହିତ ଗାଡିଗିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାନୀୟ ଜଳ ସୁବିଧା ନଥିବାରୁ ଏକ ନୂତନ ଜଳକୂପ ଖୋଳିବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି । ସେହିପରି ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୧୨ଟି ପଂଚାୟତର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ ଅଟନ୍ତି ।କିନ୍ତୁ ସରକାରଙ୍କ ତରଫରୁ ସେଠାରେ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧାର ଅଭାବ ରହିଛି । ଡାକ୍ତରଖାନାରେ ଖାଲି ଥିବା ବିଶେଷଜ୍ଞ ଡାକ୍ତର ପଦବୀ ସୁରଣ, ଏକ-ରେ ମେସିନ୍, ସ୍ଥାପନ ଓ ଡାକ୍ତରଖାନା ରେ ୧୪ ଟି ଶଯ୍ୟା ଥିବା ବେଳେ ଏହାକୁ ୩୦ ଟି ଶଯ୍ୟା ବିଶିଷ୍ଟ କରିବା ପାଇଁ ଦାବି କରାଯାଇଛି । ସେହିପରି ବହୁ ଚିକିତ୍ସା ପାଇଁ ଅତ୍ୟାଧୁନିକ ଉପକରଣ ଯୋଗାଇବା । ଡାକ୍ତର ଓ କର୍ମଚାରୀଙ୍କ ପାଇଁ ନୂତନ ଗୃହ ନିର୍ମାଣ ଏବଂ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଥିବା ପୁରୁଣା ଛୋଟ ମାନାଟି ପାଇଁ ଦାବି ପତ୍ରରେ ଉଲ୍ଲେଖ ରହିଛି । ସ୍ୱାକ୍ ସଂଗଠନର ସଭାପତି ଆମନ୍ତ୍ର ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ, ସଦସ୍ୟ ସନ୍ତୋଷ ଦିଗାଲ ଓ ମିଟିର ଜାନ୍ତ ଦିଗାଲଙ୍କ ଉପସ୍ଥିତିରେ ସମସ୍ୟା ଗୁଡ଼ିକୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ ।

ଟିକାବାଲି କଲେଜରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ

ବାଲିଗୁଡ଼ା, ୬।୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ସ୍ଥିତ ଏଏମସି ଏସ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ବାଳକୃଷ୍ଣ ମାହାଣିଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଟିକାବାଲି ପଂଚାୟତ ସମିତି ଅଧ୍ୟକ୍ଷ ଦିଲ୍ଲୀପ କର୍ଣ୍ଣର ତାଙ୍କ ବକ୍ତବ୍ୟରେ କହିଲେ ଛାତ୍ରୀ ମାନସିକ ଓ ଶାରୀରିକ ସ୍ତର ରେ ସୁସ୍ଥ ରହିଲେ ସେ କାହାରିକୁ ଭୟ କରିବ ନାହିଁ । ମୁଖ୍ୟ ବକ୍ତା ଭାବେ ସ୍ୱାତୀ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦିକା ଶ୍ରୀମତୀ ସୁସ୍ମିତା ଜେନା ଯୋଗଦେଇ ସୋସିଆଲ ମିଡିଆରେ ଆଜିକା ଝିଅ ବେଶି ନିଜକୁ ସାମିଲ କରୁଛନ୍ତି କିନ୍ତୁ ତାର ଭଲ ଦିଗ ପ୍ରତି ଦୃଷ୍ଟି ନଦେଇ ଖରାପ ଦିଗ ପ୍ରତି ଦୃଷ୍ଟି ଦେଇ ସମସ୍ୟାରେ ପଡୁଛନ୍ତି । ସଭାନିତ ଅତିଥିଭାବେ ଟିକାବାଲି ଥାନା ଏ ଏସ ଆଇ ଶିବରାମ ବିଶୋଇ ଓ ଅଧ୍ୟାପକ ନରେନ୍ଦ୍ର ବିଗାଲ ଯୋଗଦେଇ ଆତ୍ମ ସୁରକ୍ଷାର କୌଶଳ ଉପରେ ବକ୍ତବ୍ୟ ରଖିଥିଲେ ମାଷ୍ଟର ଟ୍ରେନର ପିଜି ଛାତ୍ରୀ ଜ୍ୟୋତିର୍ମୟୀ ପ୍ରଧାନ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ । ଏହି ଶିବିରରେ ଆଠ ଦିନ ଧରି ସ୍ନାତକ ପ୍ରଥମ ବର୍ଷର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ । ଅଧ୍ୟାପିକା ସ୍ମୃତିରେଖା ନାୟକ ଏହି ଶିବିର ପରିଚାଳନା କରୁଛନ୍ତି ଏବଂ ଅଧ୍ୟାପିକା ନିବେଦିତା ଭୋଇ, ଅଧ୍ୟାପିକା ମୀରାମିକା, ଅଙ୍କିତା ପ୍ରିୟଦର୍ଶିନୀ ଅଧ୍ୟାପକ ବିରୁପାକ୍ଷ ତ୍ରିପାଠୀ, ଅମୂଲ୍ୟ ସାହତ, ରତନ କୁମାର ଦିଗାଲ, ଭକ୍ତ କିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ସମାଜସେବାକୁ ଗୁରୁତ୍ୱ ଦେଇ ମାରୱାଡ଼ି ଯୁବାମଂଚର ନୂତନ ଦଳ ଗଠନ



ସିନାପାଲି, ୬।୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ମାରୱାଡ଼ି ଯୁବାମଂଚର ପକ୍ଷରୁ ଗୁଜର ପର୍ବ ହୋଲି ମିଳନ ଅବସରରେ ମଂଚର ନୂତନ କମିଟି ଗଠିତ ହୋଇଛି । ନୂତନ କମିଟିର ସଭାପତି ଭାବରେ ହିରାଲାଲ ଅଗ୍ରୱାଲଙ୍କୁ ଚୟନ କରାଯାଇଥିବାବେଳେ ଉପସଭାପତି ଭାବରେ ସୌରଭ କୁମାର ଜୈନ ଓ ନାରଦିଶେଖର ଅଗ୍ରୱାଲ କାର୍ଯ୍ୟଭାର ନେଇଛନ୍ତି । ସଂପାଦକ ଭାବରେ ଗଣେଶ କୁମାର ଅଗ୍ରୱାଲ, ସହ-ସଂପାଦକ ଭାବରେ ସୁମିତ କୁମାର ଜୈନ ଓ ପିୟୁଷ ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ଭାବରେ ରାଜେଶ କୁମାର ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି । ସେହିପରି କମିଟିର ଅନ୍ୟଦଧାରୀ କଳକେନ୍ଦ୍ର ଭାବରେ କମଳ ଅଗ୍ରୱାଲ, ରକ୍ତଦାନ କଳକେନ୍ଦ୍ର ଭାବରେ ଅମିତ କୁମାର ଜୈନ, ଅର୍ଗାନ୍ କଳକେନ୍ଦ୍ର ଭାବରେ ରାକେଶ ଅଗ୍ରୱାଲ, ଅଣ୍ଟିଜେନ୍ ସିଲିଣ୍ଡର ଦାୟିତ୍ୱରେ ପ୍ରବୀଣ କୁମାର ଜୈନ, ଓ୍ୱେଲଫେୟାର ମେମ୍ବର ଭାବରେ ମନୋଜ କୁମାର ଜୈନ ଓ ଶାଖା ସଂଯୋଜକ ଭାବରେ ପ୍ରମୋଦ କୁମାର ଅଗ୍ରୱାଲଙ୍କୁ ରାଖିଦିଆଯାଇଛି । ତଦୁପରି ରାଷ୍ଟ୍ରୀୟ ସଭା ସଦସ୍ୟ ଭାବରେ ବିନୋଶ ଅଗ୍ରୱାଲ ଓ ମୁକେଶ କୁମାର ଅଗ୍ରୱାଲ, ପ୍ରାକ୍ତନ ସଭା ସଦସ୍ୟ ଭାବରେ ଲମ୍ବାଶଙ୍କର ଅଗ୍ରୱାଲ ଓ ରାଧେଶ୍ୟାମ ଜିନ୍ଦଲଙ୍କୁ ନିଯୁକ୍ତ କରାଯାଇଛି । ଏହି ଅବସରରେ ମଂଚକୁ ଅଧିକ ସୁସଂଗଠିତ କରିବା ସହ ଅଂଚଳରେ ସମାଜସେବା ଓ ଲୋକଙ୍କ ହିତାଶ ପାଇଁ ଅଧିକ କାର୍ଯ୍ୟ କରିବାକୁ ନେଇ ଆଲୋଚନା କରାଯାଇଥିଲା । ଆଜିର ସଭାରେ ସ୍ଥାନୀୟ ଅଗ୍ରେସନ ଲଜନର ସ

ଶୁଭାରମ୍ଭ
ଆରମ୍ଭ
SEITHO ARAMBHA
ଶନିବାର, ୭ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବାଲେଶ୍ୱର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେଲା 'ସୁପୋଷିତ ଓଡିଶା ମିଶନ' କର୍ମଶାଳା

ବାଲେଶ୍ୱର, ୦୬/୦୩ (ଆ.ପ୍ର) : ଗତକାଲି ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ଠାରେ ଜିଲ୍ଲାସ୍ତରୀୟ 'ସୁପୋଷିତ ଓଡିଶା ମିଶନ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶିନ ମାଲବା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୋପାମୁଦ୍ରା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସୁରୁଖୁରୁରେ ପରିଚାଳିତ ହୋଇଥିଲା । ଏହି କର୍ମଶାଳାରେ ରାଜ୍ୟ ସ୍ତରୀୟ ତାଲିମଦାତ୍ରୀ କୁମାରୀ ଜଣ୍ଡିକା ତାରା 'ସୁପୋଷିତ ଓଡିଶା ମିଶନ' ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିଥିଲେ । ଗର୍ଭବତୀ ମହିଳା, ୧ ରୁ ୬ ବର୍ଷର ଶିଶୁ ଓ ମା ମାନେ କିପରି କୁପୋଷଣରୁ ମୁକ୍ତ ହୋଇପାରିବ, ସେ ସମ୍ପର୍କରେ ସେ ଆଲୋଚନା କରିଥିଲେ । ଆଗାମୀ ୨୦୨୯ ମସିହା ସୁଦ୍ଧା ଶତ ପ୍ରତିଶତ ପୁଷ୍ଟିହୀନତା ମୁକ୍ତ ଓଡିଶା ଗଠନ, ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ବାଲେଶ୍ୱର ଜିଲ୍ଲାକୁ କିପରି କମ୍ ସମୟ ମଧ୍ୟରେ, ସହଜରେ ପୁଷ୍ଟିହୀନତା ମୁକ୍ତ ହୋଇପାରିବ, ସେହି ସମ୍ବନ୍ଧରେ ସେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ପୁଷ୍ଟିହୀନତା ମୁକ୍ତ ବାଲେଶ୍ୱର ଗଠନ କରିବା ପାଇଁ କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସେ ଶପଥ କରାଇଥିଲେ । ବାଲେଶ୍ୱର ଜିଲ୍ଲାର ସମସ୍ତ ସିଡ଼ିପିଓ, ସୁପରଭାଇଜର ଓ ଅଙ୍ଗନୱାଡ଼ି ବିଭାଗ ମାନଙ୍କ ସମେତ ବ୍ଲକ ଏବଂ ଜିଲ୍ଲା ସ୍ତରୀୟ ଅନେକ ଅଧିକାରୀ ଗଣ ଏହି କର୍ମଶାଳାରେ ଉପସ୍ଥିତ ରହି କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ କରିଥିଲେ । ଶେଷରେ ଜିଲ୍ଲା ସଂଯୋଜକ, 'ପୋଷଣ', ଶ୍ରୀମତୀ ପଲ୍ଲୁଶ୍ରୀ ଦେବୀ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବରିଷ୍ଠ କମ୍ୟୁନିଷ୍ଟ ନେତା ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଦେହାନ୍ତ

ନୀଳଗିରି, ୦୬/୦୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ତଥା ଝିପଡା ଅଂଚଳର ବରିଷ୍ଠନେତା ପ୍ରତାପ ଚନ୍ଦ୍ର ମହାନ୍ତିଙ୍କର ଶୁକ୍ରବାର ଦିବା ୧୦ଘଟିକା ସମୟରେ ଦେହ ଅସୁସ୍ଥ କାରଣରୁ ଚିକିତ୍ସାପାଇଁ ବାଲେଶ୍ୱର ମୁଖ୍ୟଡାକ୍ତରଖାନାକୁ ନିଆଯାଇଥିବା ବେଳେ ଫକୀର ମୋହନ ଗୋଲାଇଠାରେ ଅସୁସ୍ଥ ହୋଇପଡ଼ିଥିଲେ । ସଙ୍ଗରେ ଥିବା ସହଧର୍ମିଣୀ, ଏକମାତ୍ର ଝିଅର ଆକୁଳ କ୍ରନ୍ଦନଶୁଣି ସ୍ଥାନୀୟ ଲୋକ ବଣ୍ଡିଶାଳକୁ ନେଇଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଖବରପାଇ ସ୍ଥାନୀୟ ସିପିଆଇ ଜିଲ୍ଲାପରିଷଦ ସଦସ୍ୟ ଅନିରୁଦ୍ଧ ନାୟକ ତାଙ୍କ ବାସଭବନ ରେ ଉପସ୍ଥିତ ରହି ପ୍ରାର୍ଥନା ଶରୀର ଉପରେ ଲାଲପତାକା ଅର୍ପଣ କରିଥିଲେ । ଖବରପାଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାଲିକ, ବିଧାୟକ ପ୍ରାର୍ଥୀ ଅଜୟ ପଟ୍ଟନାୟକ, ଜିଲ୍ଲାପରିଷଦ ସଦସ୍ୟ ହରେକୃଷ୍ଣ ପଣ୍ଡିତ, ଗାୟତ୍ରୀ ପଣ୍ଡା, ବାରଡ଼ା ନାୟକ, ନିର୍ମାଲ୍ୟ ପ୍ରଧାନ, ନିମାଇଚରଣ ଜେନା, ସଂଗୀତ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରାର୍ଥନାଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦୁଃଖସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ମହାନ୍ତିଙ୍କ ଆର୍ଥିକ ପରିସ୍ଥିତି ଦୁର୍ବିସହ ଥିବାବେଳେ ଏକମାତ୍ର ଶିଶୁକନ୍ୟାର କନ୍ଦନଶୁଣା ପାଇଁ ପାଖପଡୋଶୀଙ୍କ ସହିତ ଆଲୋଚନା କରିଥିଲେ ।

ଗୌରବମୟ ଇତିହାସର ମୂକସାକ୍ଷୀ ୫୭ବର୍ଷର ଘାଟଘରସାହି ପଂଚଦୋଳ ହୋଲି ଉତ୍ସବ

ନୀଳଗିରି, ୦୬/୦୩ (ଆ.ପ୍ର) : ଓଡ଼ିଆ ମାସ ଅନୁସାରେ ଫାଲଗୁନ ମାସର ପୂର୍ଣ୍ଣିମାତିଥି, ଦୋଳପୂର୍ଣ୍ଣିମା ନାମରେ ପରିଚିତ । ଫାଲଗୁନ ଶୁକ୍ଳ ଦଶମୀ ଠାରୁ ସାଧାରଣତଃ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ ଯାହା ଫଗୁଉତ୍ସବମାନ ନାମରେ ଖ୍ୟାତ । ଏହି ପର୍ବର ମୁଖ୍ୟ ଆରାଧ୍ୟ ହେଲେ ରାଧା ଓ କୃଷ୍ଣ । ରାଧା କୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟଛୋଟ ବିମାନରେ ଘରକୁ ଘର ବୁଲାଇବାକୁ ନିଆଯାଏ । ଠାକୁରଙ୍କୁ ପ୍ରତିରେଣୁ ଫଗୁ ଲାଗେ ଓ ଭୋଗଲାଗି ହୁଏ । ଫଗୁଉତ୍ସବମାନ ତିନିଦିନ ଫଗୁ (ରଙ୍ଗ) ଖେଳ ଓ ଗ୍ରାମ ପରିକ୍ରମା କରାଯାଇଥାଏ । ଦୋଳପୂର୍ଣ୍ଣିମା ଦିନ ରାଧାକୃଷ୍ଣଙ୍କୁ ଦୋଳ ମଣ୍ଡପକୁ ନିଆଯାଇଥାଏ । ପରଦିନ ରଙ୍ଗଉତ୍ସବ ହୋଲି ଖେଳାଯାଇ ପରସ୍ପର ମଧ୍ୟରେ ରଙ୍ଗପରିକୋରୀ ଓ ଅବିର ମାରି ଭାଇଚାରା ଓ ପ୍ରେମର ବାର୍ତ୍ତା ଦିଆଯାଇଥାଏ । ଏଭଳି ଏକ ମହାନ୍ ପରମ୍ପରାକୁ ବଜାୟ ରଖିଛନ୍ତି ନୀଳଗିରି ସହରର ଘାଟଘରସାହିର ଗ୍ରାମବାସୀ । ୧୯୭୦ ମସିହାରେ କିଛି ଯୁବକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହିପର୍ବକୁ ୫ଦିନ ଧରି ପାଳନ କରିଆସୁଥିବା ବେଳେ ଏହାକୁ ପଂଚଦୋଳ ନାମରେ ନାମିତ କରାଯାଇଛି । ଦୀର୍ଘ ୫୭ବର୍ଷଧରି ପାଳନ କରାଯାଇଥିବା ଏହି ଉତ୍ସବ ପ୍ରତିବର୍ଷ ମହା ଆଡ଼ମ୍ବରରେ ପାଳନ କରାଯାଇଥିବା ବେଳେ, ଚଳିତବର୍ଷ ମଧ୍ୟ ପୂର୍ଣ୍ଣିମାତିଥି ଠାରୁ ୧୧ଟି ଦୋଳଦିନାଳଙ୍କ ଉପସ୍ଥିତିରେ ଉତ୍ସବ ମୁଖରିତ ହୋଇଛି ଘାଟଘରସାହି ସ୍ଥିତ ଦୋଳମଣ୍ଡପ । ଭଜନ କୀର୍ତ୍ତନ ସହିତ ପ୍ରତିସନ୍ଧ୍ୟାରେ ବିଭିନ୍ନ ପୁଜାଉତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁବାର ମୀୟ ଦିବସରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉତ୍ସବରେ ମୁଖ୍ୟାତିଥି ଭାବେ ଯୋଗଦେଇ ରାଧାକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରିବାସହିତ ଏହି ଗୌରବମୟ ସଂସ୍କୃତି ଓ ପରମ୍ପରା ସମାଜରେ ଭାଇଚାରା ଏବଂ ଏକତା ବଜାୟ ରଖିବାକୁ ଉପସ୍ଥିତ ଶ୍ରଦ୍ଧାଳୁ ଓ ଅଂଚଳବାସୀଙ୍କୁ ନିବେଦନ ରଖିଥିଲେ । ଏହି ଅବସରରେ ସମ୍ମାନିତ ଅତିଥିଭାବେ ନୀଳଗିରି ଭାରପ୍ରାପ୍ତ ନଗରପାଳ ମହେନ୍ଦ୍ରନାଥ ବେହେରା ଯୋଗଦେଇ ଏଭଳି ଭବ୍ୟ ଅୟୋଜନକୁ ପ୍ରଶଂସା କରିବାସହ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ । ପଂଚଦୋଳ କମିଟିର ସଭାପତି ମାନସ ପାଢ଼ାଙ୍କ ମାର୍ଗଦର୍ଶନରେ ସମ୍ପାଦକ ରଞ୍ଜିତ କୁମାର ସାହୁ, ଉପସଭାପତି ରମାକାନ୍ତ ମହାନ୍ତି, ସହସମ୍ପାଦକ ଜର୍ଜ ବର୍ଣ୍ଣାଟ ସ, କୋଷାଧ୍ୟକ୍ଷ ରମେଶ ସ, ସତ୍ୟପ୍ରକାଶ ବୀରବର, ମନୋରଞ୍ଜନ ବେହେରା, ଭଗବାନ ବଣ୍ଡପାଟ ପ୍ରମୁଖ ସହଯୋଗ କରିଥିଲେ । ଦୀପକ ଦାସ ମଂଚପରିଚାଳନା କରିଥିଲେ । ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଏବଂ ଗ୍ରୁପଙ୍କ ସୁମଧୁର ସଙ୍ଗୀତରେ ଝୁମିଥିଲେ ଶହ ଶହ ଦର୍ଶକ ।

ମା' ଗମ୍ଭୀରାଇ ପୀଠରେ ଅଷ୍ଟପ୍ରହରବ୍ୟାପୀ ନାମଯଜ୍ଞ

ମାହାଙ୍ଗୀ, ୦୬/୦୩ (ଆ.ପ୍ର) : ମାହାଙ୍ଗୀ ବ୍ଲକ ଅନ୍ତର୍ଗତ ଗଣିଜ ଓ ଗୌଡପଡା ଅଂଚଳର ମା' ଗମ୍ଭୀରାଇଙ୍କ ପୀଠରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ଯଥାବିଧି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅଧିବାସ କରାଯିବା ପରେ ନାମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମକୀର୍ତ୍ତନ କରିଥିଲେ । ମା' ଗମ୍ଭୀରାଇଙ୍କ ପୂଜକ ଅଶୋକ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଷ୍ଟପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ପରିଚାଳନାରେ ବରିଷ୍ଠ ନାରରିକ ଶଙ୍କର୍ଷଣ ଦେବେରୋ, ଡଃ ନିରଞ୍ଜନ କର, ପ୍ରଦୀପ୍ତ ଜିମେର ପଣ୍ଡା, ରାଜେଶ ପଣ୍ଡା, ବିଦଂଟି ନାରାୟଣ ଦାସ, ମହେନ୍ଦ୍ର ନାଥ, ଗିରିଜା ଦାସ, ଭବ୍ୟକାନ୍ତ ଦାସ, ଖଗେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲା ବେଳେ ଗ୍ରାମବାସୀଙ୍କ ସହଯୋଗରେ ଏହି ଅଷ୍ଟପ୍ରହରୀ କାର୍ଯ୍ୟକ୍ରମ ସୂଚାରୁରୂପେ ଅନୁଷ୍ଠିତ ହୋଇଥିଲା । ଶେଷରେ ନଗର କୀର୍ତ୍ତନ କରାଯାଇ ନାମଯଜ୍ଞ ଉତ୍ସବର ସମାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ ।

ନିଆଁ ଲାଗି ଜଳିଗଲା ଗୋଟିଏ ବଖରା ଘର, ଲକ୍ଷାଧିକ ଟଙ୍କାର ଜିନିଷପତ୍ର ପୋଡ଼ି ପାଉଁଶ

ବାଲିଆପାଳ, ୦୬/୦୩ (ଆ.ପ୍ର) : ବାଲିଆପାଳ ବ୍ଲକ ବଳରାମପୁର ପଂଚାୟତ ଅନ୍ତର୍ଗତ ବଳରାମପୁର ଗ୍ରାମର ଅନନ୍ତ ଚରଣ ସାହୁଙ୍କ ଗୋଟିଏ ବଖରା ଘର ବିଜୟିତ ରାତିରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ଅନନ୍ତଙ୍କ ପରିବାର ଲୋକ ଅନ୍ୟ ଏକ ଘରେ ଶୋଇଥିବା ବେଳେ ହଠାତ ନିଆଁ ଲାଗି ଜ୍ୱଳୁ ଜ୍ୱଳୁ ହୋଇ ଜଳିବା ଆରମ୍ଭ କରିଥିଲା । ସାହି ପଡିଶା ନିଆଁ ଜଳୁଥିବାର ଦେଖି ପାଣି ଢାଳି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । ଅନନ୍ତ ବାଲିଆପାଳ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଂଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଘରଟି ସମ୍ପୂର୍ଣ୍ଣ ଜଳି ଯାଇ ଥିଲା । ତା ଭିତରେ ଥିବା ଧାନ, ଚାଉଳ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ତେବେ ନିଆଁ ଲାଗିବାର କୌଣସି ସ୍ପଷ୍ଟ କାରଣ ଜଣା ପଡି ନଥିବା ବେଳେ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ପକ୍ଷରୁ ନିବେଦନ କରିଛନ୍ତି ।

ବାହାଦଲପୁରରେ ସାର୍ବଜନୀନ ଚଉଦମାଦଳ ମହୋତ୍ସବ
ଜଗନ୍ନାଥଙ୍କ ୩୨ ବେଶ ଓ ସୁନାବେଶ ଦର୍ଶନରେ ଭକ୍ତଙ୍କ ଭିଡ଼

ଲଙ୍ଗଳେଶ୍ୱର, ୦୬/୦୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବାହାଦଲପୁର ହରିହାଟ ପଡିଆରେ ସାର୍ବଜନୀନ ଚଉଦମାଦଳ ଓ ଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି । ଏହି ଧାର୍ମିକ ଓ ସାଂସ୍କୃତିକ ମହୋତ୍ସବ ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ଉତ୍ସବ ଅବସରରେ ପ୍ରତିଦିନ ହରିନାମ ସଂକୀର୍ତ୍ତନ, ଯଜ୍ଞ ଉତ୍ସବ, ସନ୍ଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନ, ଭଜନ ସନ୍ଧ୍ୟା ଓ ନୃତ୍ୟ ପ୍ରତିଯୋଗିତା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଭକ୍ତ ମାନଙ୍କ ପାଇଁ ଆସନ୍ତା ୯ ତାରିଖ ସୋମବାର ଦିନ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି । ଉତ୍ସବରେ ପାଚାଳପୁରୀ, ଲାଇପୁରୀ ଓ ସ୍ୱର୍ଗପୁରୀ ଭଳି ଆକର୍ଷଣୀୟ ସାଜସଜା ସହିତ ୨୫ ଫୁଟ ଉଚ୍ଚତାର ହନୁମାନ ମୂର୍ତ୍ତି, ଜଗନ୍ନାଥଙ୍କ ସୁନାବେଶର ଦିବ୍ୟ ଦର୍ଶନ ଓ ଜଗନ୍ନାଥଙ୍କ ୩୨ ବେଶର ମନମୁଗ୍ଧକର ମୂର୍ତ୍ତି ଭକ୍ତମାନଙ୍କ ମନକୁ ଆକର୍ଷିତ କରୁଛି । ଏହାକୁ ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବା ଦେଖାଯାଇଛି । ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବାହାଦଲପୁର ସାର୍ବଜନୀନ ମହୋତ୍ସବ କମିଟି ପକ୍ଷରୁ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ଯଥାଚିତ ବ୍ୟବସ୍ଥା କରାଯାଇଛି । ଅଂଚଳରେ ଆଧ୍ୟାତ୍ମିକ ଚେତନା ବୃଦ୍ଧି କରିବା ଏବଂ ଭକ୍ତ ଓ ଈଶ୍ୱରଙ୍କ ମଧ୍ୟରେ ଭକ୍ତିଭାବ ସୃଷ୍ଟି କରିବା ପାଇଁ ମହୋତ୍ସବ କମିଟିର ଏହି ପ୍ରୟାସକୁ ବହୁ ଆଧ୍ୟାତ୍ମିକ ଗୁରୁ ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି ।

ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଭଦ୍ରକ, ୦୬/୦୩ (ଆ.ପ୍ର) : ଆସନ୍ନା ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ବିଜୀପା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅଂଶୁଘାତ ସମୟରେ ଲୋକମାନଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କରେ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ପାନୀୟ ଜଳ ସୁବିଧା ବୃଦ୍ଧି, ସହଜ ଓ ଗ୍ରାମାଂଚଳରେ ଷ୍ଟିକର ପାଣି ଘର (ଓ୍ୱାଟର କିଓସ୍କ) ସ୍ଥାପନ, ଚିକିତ୍ସାଜଗୁଡ଼ିକରେ ଅଂଶୁଘାତ ଚିକିତ୍ସା ପାଇଁ ବିଶେଷ ଓ୍ୱାର୍ଡ ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ ରଖିବା ତଥା ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ମାଧ୍ୟମରେ ଗ୍ରାମସ୍ତରରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ , ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ,ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ସାହୁ ଉପସ୍ଥିତ ରହି ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଅଂଶୁଘାତ ଜନିତ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ମଦର ଟେରେସା ସେବା ସଂଘ ଠାରେ ଶ୍ରବଣ ବାଧିତ ମୂଲ୍ୟାଙ୍କନ ଶିବିର ଅନୁଷ୍ଠିତ

ବାଲିଆପାଳ, ୦୬/୦୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚଗରା ଠାରେ ଥିବା ମଦର ଟେରେସା ସେବା ସଂଘ ବିଦ୍ୟାଳୟ ପରିସରରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଅନୁମୋଦିତ ଅଲ୍ଲା ୟାବର ଜଙ୍ଗ ରାଷ୍ଟ୍ରୀୟ ସଂସ୍ଥ ଓ ଶ୍ରବଣ ବାଧିତ ସଂସ୍ଥା ପକ୍ଷରୁ ଶ୍ରବଣ ବାଧିତ ମୂଲ୍ୟାଙ୍କନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଶ୍ରବଣ ବାଧିତ ସଂସ୍ଥାର ଡେପୁଟି ଡାଇରେକ୍ଟର ପ୍ରଫେସର ଚନ୍ଦ୍ର ଚୋଟ ପାଣିଗ୍ରାହୀ ଏବଂ ତାଙ୍କର ଟିମ୍‌ଙ୍କ ଦ୍ୱାରା ବିଦ୍ୟାଳୟର ଅଧ୍ୟୟନ କରୁଥିବା ୧୫୦ ଛାତ୍ର ଛାତ୍ରୀଙ୍କ ସମେତ ସ୍ଥାନୀୟ ୫୦ ଜଣ ଶ୍ରବଣ ବାଧିତଙ୍କର କାନ ପରିକ୍ଷା କରାଯାଇ ମୂଲ୍ୟାଙ୍କନ କରାଯାଇଥିଲା । ଏଥି ନିମନ୍ତେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼ ଅନିରୁଦ୍ଧ ପାତ୍ରଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । କାନ ପରୀକ୍ଷା କରି ମୂଲ୍ୟାଙ୍କନ କରିବା ଏବଂ ଶ୍ରବଣ ବାଧିତ ଯନ୍ତ୍ର ପାଇବା ପାଇଁ ସ୍ଥାନୀୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତି ଡ଼ ଅନିରୁଦ୍ଧ ପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ଜେନା, ପ୍ରମୋଦ କୁମାର ସେନାପତି, ବେଣୁଧର ମହୁରି, ବଳରାମ ନାୟକ,ସାଧୁ ଚରଣ ସାହୁ, ବିଚିତ୍ରାନନ୍ଦ ଜେନା, ଫାଲ୍ଗୁନୀ ପରଡା, ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ଭୂୟାଁ, ପ୍ରଭାତି ପାତ୍ର,ପ୍ରୟାଙ୍କା ସାହୁ ପ୍ରମୁଖ ଉପସ୍ଥିତ ରହି ନାରୀ ୨୨ଏକ୍ରମରେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ପରେଶ ପ୍ରଧାନ ଏହି ସଭାରେ ଯୋଗଦେଇଥିଲେ । ଶ୍ରବଣ ବାଧିତ ଡ଼ ଅନିରୁଦ୍ଧ ପାତ୍ରଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଜାନ ପରୀକ୍ଷା କରି ମୂଲ୍ୟାଙ୍କନ କରିବା ଏବଂ ଶ୍ରବଣ ବାଧିତ ଯନ୍ତ୍ର ପାଇବା ପାଇଁ ସ୍ଥାନୀୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ଜେନା, ପ୍ରମୋଦ କୁମାର ସେନାପତି, ବେଣୁଧର ମହୁରି, ବଳରାମ ନାୟକ,ସାଧୁ ଚରଣ ସାହୁ, ବିଚିତ୍ରାନନ୍ଦ ଜେନା, ଫାଲ୍ଗୁନୀ ପରଡା, ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ଭୂୟାଁ, ପ୍ରଭାତି ପାତ୍ର,ପ୍ରୟାଙ୍କା ସାହୁ ପ୍ରମୁଖ ଉପସ୍ଥିତ ରହି ନାରୀ ୨୨ଏକ୍ରମରେ ସହଯୋଗ କରିଥିଲେ ।

ଅଭାବୀ ଧାନ ବିକ୍ରି, ଖଣି ବାଲି ମାଫିଆଙ୍କ ଆତଙ୍କ ରାଜ ଓ ପ୍ରଶାସନିକ ଅଧିକାରୀଙ୍କ ଅଦୃ

ସମ୍ପାଦକ
ଆରମ୍ଭ
SEITHO ARAMBHA
ଶନିବାର, ୭ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପ୍ରଚେଷ୍ଟା କରିବା ଆବଶ୍ୟକ

ସମଗ୍ର ବିଶ୍ୱରେ ଭାରତୀୟ ଲୋକ କଳା, ପରମ୍ପରା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଲୋକ କଳା, ପରମ୍ପରା ଓ ସଂସ୍କୃତି ଆମ ଜାତିର ମୂଲ୍ୟବୋଧକୁ ଗୌରବାନ୍ୱିତ କରିବା ଦିଗରେ ବିଶେଷ ସହାୟକ ହୋଇଥାଏ । ଆମ ଦେଶର ଲୋକ କଳା ମଧ୍ୟରେ ଘୋଡାନାଚ, କେଳା କେଳୁଣୀ ନାଚ, ବାଗିଶ ରାଣୀ ଖେଳ, ଦାସ କାଠିଆ, ପାଲା, ଖଞ୍ଜଣୀ ଭଜନ, ସଂକୀର୍ତ୍ତନ ମଣ୍ଡଳୀ ପ୍ରଭୃତି ଆମ ଐତିହ୍ୟ ଓ ସଂସ୍କୃତିର ଅନନ୍ୟତାର ସଦ୍ୱାହକ । ଏବେ ଏସବୁ ଲୋକ କଳା ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ହେବାକୁ ବସିଲାଣି । ଏହାର ପ୍ରମୁଖ କାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଙ୍କ ଏହି ଲୋକ କଳାର ପ୍ରଚାର ଓ ପ୍ରସାର ଦିଗରେ ଆନ୍ତରିକତା ମନୋଭାବର ଅଭାବ ପରିଲକ୍ଷିତ ହେଉଛି । ଫଳରେ ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ମହାନତାକୁ ବିଶ୍ୱ ବରଦାରରେ ଗୌରବାନ୍ୱିତ କରୁଥିବା ଲୋକ କଳା ଏବେ ଅବହେଳାର ଦ୍ୱାରଦେଶରେ ବଞ୍ଚାଯାମାନ ହେବା ଭଳି ପରିସ୍ଥିତି ଦେଇ ଗତି କରୁଛି । ଏହି ପ୍ରାଚୀନ ଲୋକ କଳା ଭାରତୀୟ ମହାନ ସଂସ୍କୃତି ଓ ପରମ୍ପରା ଦ୍ୱାରା ଭାରତ ବର୍ଷର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ଆଧ୍ୟତ୍ମିକ ଚିନ୍ତା ଓ ଚେତନା ଜାଗ୍ରତ କରିବା ଦିଗରେ ବିଶେଷ ସହାୟକ ବାଧିତ୍ୱ ନିର୍ବାହ କରିବା ଏକ ମାଇଲ ଖୁଣ୍ଟ ସଦୃଶ ବୋଲି ପ୍ରତୀୟମାନ ହୁଏ । ଭାରତୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ପୁରାତନ ଜଳ୍ପନ ତଥା ଅଧୁନା ଓଡିଶା ପ୍ରଦେଶର ପୁରପୁରୁରେ ଜନ୍ମାଦିତ ଶସ୍ୟକୁ ପୁରୁଷରେ ଥିବା କିଟାଣୁ ପୂତି ପୋଷକ ସଂଗ୍ରହ କରି ଦୈନନ୍ଦିନ ଖାଦ୍ୟ ଭାବେ ଜୀବନ ଅତିବାହିତ କରୁଥିଲେ । ମାତ୍ର ବୈଜ୍ଞାନିକ ଯୁଗର ଚାଳଚଳ୍ୟ ଜ୍ଞାନ କୌଶଳ ଯୋଗୁଁ ପ୍ରାଚୀନ ପରମ୍ପରାର ଏକ ପ୍ରାଚୀନ ଆଧ୍ୟତ୍ମ ଭିତ୍ତି ପରମ୍ପରା ବିଲୁପ୍ତ ହୋଇଗଲାଣି । ସେହିପରି ପ୍ରାଚୀନ କାଳରୁ ଓଡ଼ିଶା ତଥା ଭାରତର ବିଭିନ୍ନ ଗ୍ରାମଂଚଳରେ ଯଥ ସହାୟତାରେ କୃଷି କ୍ଷେତ୍ରକୁ ନଦୀ ଓ ପୁଷ୍କରିଣୀରୁ ପାଣି ମଗଲା ବାଟୀ ମାନେ ନିଜ ନିଜର ଜମିକୁ ଶସ୍ୟ ଶ୍ୟାମଳା କରି ଜନ୍ମାଦିତ ଖାଦ୍ୟ ଶସ୍ୟକୁ ପ୍ରାଚୀନ ଯୁଗରୁ ଲୋକିଲା ଯେପରୁ ଖାଦ୍ୟ ଯୋଗାଣ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ତାହା ମଧ୍ୟ ସାମ୍ପ୍ରତିକ କୌଶ୍ଚାଳିକ ଜ୍ଞାନ କୌଶଳର ପ୍ରଭାବରେ ବିଲୁପ୍ତ ହୋଇଗଲାଣି । ସେହିପରି ଦେଶୀ ଓ ଶୋଷୁଂପର ପ୍ରାଚୀନ ପରମ୍ପରା ଓ ସ୍ମୃତି ଧୂଂସାଭିମୁଖୀ । ଭାରତୀୟ ସଂସ୍କୃତିର ମହାନ ପର୍ବ ମହାଶିବୁତ୍ତ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣାସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ଭାବେ କାହିଁ କେଉଁ ଆବାହମାନ କାଳରୁ ପାଳିତ ହୋଇ ଆସୁଛି । ମାତ୍ର ଆଧୁନିକତାର ପ୍ରଭାବରେ ଇଂରାଜୀ ନବବର୍ଷକୁ ଯେଉଁ ଭଳି ଭଙ୍ଗରେ ଭାରତୀୟ ମାନେ ପାଶ୍ଚାତ୍ୟ ସଭ୍ୟତାର ମୋହରେ ପଡି ପାଳନ କରୁଛନ୍ତି ତାହା ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥାକୁ ଚାଟବଣା କରିଦେଇଛି । ମାତ୍ର ଭାରତୀୟ ସଂସ୍କୃତି, ଐତିହ୍ୟ, ଆଧ୍ୟତ୍ମିକ ଚିନ୍ତା ଚେତନାର ମହାନ ପରମ୍ପରା ମହାଶିବୁତ୍ତ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ପାଳନ କରିବା ପାଇଁ ଆମ ଦଂଶଜ ମାନଙ୍କର ଜୁଣ୍ଟାବେଧ କଣ ପାଇଁ ତାହା ସାମ୍ପ୍ରତିକ ବିଧ୍ୱ ବ୍ୟବସ୍ଥା ମଧ୍ୟରେ ଜଳ ଜଳ ହୋଇ ଦ୍ରବୀମାନ ହେଉଛି । ନିଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାରୁ ଭୁଲି ଆମର ବଂଶଜ ମାନେ ପାଶ୍ଚାତ୍ୟ ସଭ୍ୟତାର ମାୟାରେ ବାୟା ହୋଇ ଆମ ଦେଶ ଭାରତ ବର୍ଷ ଓ ଓଡିଶା ପ୍ରଦେଶର ପ୍ରଚାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାରୁ ଭୁଲିଯିବା କେଉଁଦୂର ଯୁକ୍ତି ଯୁକ୍ତ ତାହା ଆମ ଭାରତୀୟ ସଂସ୍କୃତିର ଚାଟବଣା ବଂଶଜ ମାନଙ୍କୁ ପ୍ରଶ୍ନ କରାଯାଇପାରେ । ବିଶ୍ୱରେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାରତୀୟ ସଂସ୍କୃତିର ବଂଶଜ ମାନେ ନିଜକୁ ପାଶ୍ଚାତ୍ୟ ସଭ୍ୟତାର ମୋହରୁ ନିଜକୁ ମୁକ୍ତ କରି ଇଂରାଜୀ ନବବର୍ଷ ପାଳନ ବଦଳରେ ଭାରତୀୟ ସଂସ୍କୃତିର ମହାନତା ବହନ କରୁଥିବା ମହାବିଶୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ତଥା ଓଡିଆ ନୂଆବର୍ଷକୁ ଧାର୍ମିକ ରୀତିନୀତି ଅନୁଯାୟୀ ପାଳନ କରିବା ସହ ଭାରତୀୟ ସଂସ୍କୃତିକୁ ଗୌରବାନ୍ୱିତ କରି ଆମ ବଂଶଜ ମାନଙ୍କ ମନରେ କୁଣ୍ଠିଆଣ ପରି ବସା ବାନ୍ଧି ଥିବା ପାଶ୍ଚାତ୍ୟ ସଭ୍ୟତାର ଛାପକୁ ବିଲୁପ୍ତ କରି ଧର୍ମ ଓ ଆଧ୍ୟତ୍ମିକ ମାର୍ଗରେ ପରିଚାଳିତ ହେବା ଦିଗରେ ଯତ୍ନବାନ ହେବାକୁ ପ୍ରୟାସ କରିବା ଜରୁରୀ ହୋଇପଡ଼ିଛି । ଭାରତୀୟ ସଂସ୍କୃତିର ମହାନ ପର୍ବ, ଲୋକ କଳା, ସଂସ୍କୃତି ଓ ପରମ୍ପରାକୁ ବଂଶଜ ରକ୍ଷିବା ପାଇଁ କଳା, ସଂସ୍କୃତି ଓ ପରମ୍ପରାର ରାଜ୍ୟ ଓଡ଼ିଶା ତଥା ଭାରତ ବର୍ଷର ଭବିଷ୍ୟତ ପତି ମାନେ ଏବେ ଠାରୁ ସଜାଗ ନ ହେଲେ ସର୍ବ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଜନମାନସର ଚିତ୍ରପଟରେ ଅଦୃଶ୍ୟ ହୋଇଯିବ ଏଥିରେ ଦ୍ୱିମତ ନାହିଁ ।

ହୋଲି

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

କେହିଁ ହୋଲି ପାଳନ କରୁଛେ ? ଲଂଶିଶ ଲେଖା ହୋଲି, ହୋ (ହ) ଲିଖେ ଏହା ପାଳନ କରୁଛେ କି ? ପୁଣି ଦୋଳ ପୂର୍ଣ୍ଣିମା ବା ପରଦିନ କାହିଁକି ହିନ୍ଦୁମତ ହୋଲି ପର୍ବ ପାଳନ ଦିନ ? ଦୋଳପର୍ବ ଦୋଳା ଦିମାନର ସମ୍ବନ୍ଧ ରହୁଛି, ଆମ ରାଜ୍ୟରେ ଏହି ପର୍ବର ସୁରୁଆତ ବା ଶୁଭାରମ୍ଭ ରାଜକାନୁନ୍ର ଏଥିରେ ଜଡ଼ିତ, ଗଜପତି ପ୍ରତାପ ରୁଦ୍ର ଦେବଙ୍କ ସମୟରେ ବଂଶରୁ ଶ୍ରୀସେତ୍ର ଚୈତନ୍ୟ ଦେବ ଆଦି ତାଙ୍କର ସହଜିଆ ବୈଷ୍ଣବ ଧର୍ମରେ ସର୍ବଜନ ଆଦୃତ ନାମ ସଂକୀର୍ତ୍ତନର ପ୍ରଚାର ଆରମ୍ଭ କରିଥିଲେ, ରାଜାଯୁଦ୍ଧକୁ ଯିବେ ଗେଟୁରା ବାଜିଲେ ପୁରୁଣା ଜଗାଳଗାଅଁରେ ଧାରମାର୍ଜନା ଗ୍ରାମ୍ୟ କମାର ଶାଳରେ କରି ଗ୍ରାମ ଭୂମିରୁ ରାଜବାହିନୀ ସହ ଯୁଦ୍ଧକୁ ବୁଲ ରାଜ୍ୟକୁ ଯୁଦ୍ଧ ଯାତ୍ରା କରିବାକୁ ହେଉଥିଲା । ଯୁଦ୍ଧରେ ବଳ ହେଉଛନ୍ତି ସୈନ୍ୟ, ଯୁଦ୍ଧରେ ଉଭୟ ପକ୍ଷରେ ବଳ କ୍ଷୟ ହୁଏ, ସେନା ହତ, ଆହତ, ବିକଳାଙ୍ଗ ହୁଅନ୍ତି । ସେମାନ ମୁଖ୍ୟତ ଯୁବକମାନେ ଜଡ଼ିତ ଯୁଦ୍ଧରୁ ଫେରି ରାଜ ଉପାଧି, ଜମିଜମା, ଦିଆଯାଉଥିଲା, କିଛି ବାଗରୁ କାର୍ଯ୍ୟ କାହାର ଥିଲେ ତାଙ୍କୁ ଏକ ଗ୍ରାମ୍ୟ ସଭାରେ ରାଜ ପ୍ରତିନିଧି ଆସି ଉପାଧି ସହ ସମ୍ମାନ ସନନ୍ଦ ପତ୍ର ଘୋଷଣ ମଧ୍ୟରେ ଦେଉଥିଲେ । କିଛି ଆସିଥିବାରୁ କେନ୍ଦ୍ରା ସେନାଙ୍କୁ ସଂଗଠିତ ଖଣ୍ଡ ଆପ୍ରାଣ ଚେଷ୍ଟାରେ ଯୁଦ୍ଧ ଜିତି ସେନାପତି, ଦିଗରକ୍ଷାରେ ମହାସାମର୍ଥ୍ୟ ଚମତ୍କାର ପ୍ରଦର୍ଶନକାରୀ ଭତର ବଦାଚ ରାଜ୍ୟ ପଟ ଜିତା, ଦକ୍ଷିଣ ଜବାଚ ଏପରି ଉପାଧି ଯୁଦ୍ଧରେ ସେନାବିଦ୍ୟ ନରଦୁର୍ଗରେ କୃତିଶିଳକୁ ଉପାଧି ମଣ୍ଡନ କରାଯାଉଥିଲା ।

ଶତ୍ରୁ କବଳରୁ ସ୍ୱଦେଶୀୟ ଭୂମିକୁ ରାଜ ଆପଦକାଳରେ ରେ ନିରାପଦରେ ଜମି ରକ୍ଷା କରିବା ବ୍ୟକ୍ତି ଭୂଧୀ, ସ୍ୱାଦ ଯୁଦ୍ଧରେ ଶତ୍ରୁର ଯୋଦ୍ଧାଙ୍କୁ ମୁଳାଦିଲାକାରୀ ମାନେ ମଲ୍ଲ, ଖଣ୍ଡାୟତ ସେନାଙ୍କୁ ସ୍ଥାନୀୟ ମୁରବୀ ଏକ ଆଦରଣରେ ଯୁଦ୍ଧ କାଳରେ ଚଳାଇ ପାରୁଥିବା ବ୍ୟକ୍ତିମାନେ ଶିଖ ସେନାଙ୍କ ସର୍ଦ୍ଦାର ତତ୍ତ୍ୱାଣ ସ୍ୱାଇଁ (ସ୍ୱାମୀ) ବା ସାଇଁ ଉପାଧି ଏପରି ରାଜତ, ରାଜଟି ତମ୍ବୁରୁ ଜୁଦାଯାଏ ଯାହା ଯୁଦ୍ଧ ଭୂମିରେ ସେନାଙ୍କ ଅସ୍ଥାୟୀ ବାସ ସ୍ଥାନ ଏହାକୁ ଆହତ ସେନା ଚିକିତ୍ସା ପାଇଁ ଆସନ୍ତି ଲଢୁଆ ସେନାଙ୍କ ବିଶ୍ରାମ ସ୍ଥଳ ଦେବାକୁ ସ୍ଥାନ ଏବଂ ରାଜଟିରେ ଆସେ । ଏହା ରାଜାଙ୍କର ସାଂଘାତିକ ବଳସ୍ଥଳ ଏହା ରକ୍ଷାରେ ଯେ ସଫଳ ସେ ରାଜତ ଏହା ମଧ୍ୟରେ ଉଚପଦାଧିକାରୀ ରାଜତରାୟ ପାଇକ ଶ୍ରେଷ୍ଠ ପାଇକରାୟ ଜମିଦାର ମଧ୍ୟରେ ବଡ଼ ମାତ୍ର ରାଜା ପରି ବିରାଟ ଭୂମି ହୋଇନାହିଁ ସେ ଛୋଟରାୟ, ରାୟମାନେ ରାଜା ପୁଣି ନ୍ୟାୟ ନିଶ୍ଚୟରେ ଯେ ବୁଲପକ୍ଷକୁ ଜାତି ବିଚାର ରାୟ ଶୁଣାଇ ପାରନ୍ତି ସେମାନେ ବି ରାୟ, ଛୋଟରାୟ ରାଜ ଉପାଧିପ୍ରାପ୍ତ ନାୟକ ପାଇକାୟକ ଏହାବି ରାଜପରବୀ ସେନା ପାଇଁ ସାହାବୀ ଯୋଗ୍ୟ ବ୍ୟକ୍ତିକୁ ଉପଯୁକ୍ତ ହିଁ ନାୟକ ଚିତ୍ରଟରେ ଆସନ୍ତି । ପାଇକାୟକ, ପାଟଣା ଗ୍ରାମ ଆଦିର ବାସକାରୀ ନାୟକ ମାନଙ୍କୁ ଯେ ସଂଗଠିତକାରୀ ଠିକ କାମରେ ଉପଯୁକ୍ତ ବେଳରେ ଲଗାଇ ଶତ୍ରୁକୁ ମୁକାବିଲା କରିପାରନ୍ତି । କାନ୍ଦୁନରୋ ପାତ୍ର ମହାପାତ୍ର ଛାଟୋଲ ଏବଂ ରାଜ ସମ୍ବାରକ ପରବୀ ଧାରା ଯେଉଁମାନେ ଜମି ଜରିବକରି ଦାଖଲ ରାଜଭୂମିର ସୀମାଳିର୍ଦ୍ଧାରକ, ଖଳଣା ଧାର୍ଯ୍ୟ କାରୀ ସେମାନେ ରାଜସ୍ୱ ରାଜ ଆୟ ବ୍ୟୟ ଆଦି ରଖିବା କାର୍ଯ୍ୟ ଓ ସଚିବ ଘୋଷରେ ଆସନ୍ତି ।

ଏସବୁପରି ଯେତେବେଳେ କୌଣସି ସ୍ତରରେ ଲୋଭ ଆସିବ ତାହା ବଢ଼ିଚାଲି ହିଂସାରେ ସ୍ଫାତିକ ଆହୁରି ଆଗରେ କାଣ୍ଡମାନେ ଘଟେ ରକ୍ତପାତ ପାଇଁ ସମସ୍ତଙ୍କ ଘରେ ଅସ୍ତ୍ର କି ଭାଲାଳକ ସ୍ତିତି କାରମାର ପ୍ରତି ଘରେ ଗ୍ରାମେ ନିତ୍ୟ ଭତୁଜେ କେତେଥର ଦଣ୍ଡ ସାମ୍ୟ ରାଜକର୍ମଚାରୀ ପ୍ରୟୋଗ କରିବେ, ଯୁଦ୍ଧରେ ରାଜକୋଷ ବାରମାର ଶୂନ୍ୟ, ସବୁରେ ଶାନ୍ତି ଉପାୟ ଚେତନାଙ୍କ ପଥ ପ୍ରେମମୟ ପଥ ସମ୍ମୋହନର ଆଲୋକ ମାର୍ଗ, ରାଜା ଗୁରୁବରିଲେ, ରାଜପରିଛନ୍ଦ ବ୍ୟଗ ପୋଷାକ ବଦଳିଲା ପରିଧେୟ ହେଲା ଶୁଦ୍ଧ ସାତ୍ତ୍ୱିକ ଶୁଭ୍ର ଧୋତି ଚାଦର ରାଜାନୁଗତ୍ୟ ଧର୍ମ ସମ୍ରାଟ ଅଶୋକ ସମ୍ରାଟ ହର୍ଷଙ୍କ ପରି ଉତ୍କଳର ଗଜପତି ବୈଷ୍ଣବ ଧର୍ମର ପୁଷ୍ଟ ପୋଷକ ହେଲେ ରାଜ୍ୟରେ ପ୍ରଚାରଶ କରବାକ ଛାଡ଼ି କରତାଳ ଧରିଲେ ଘରେ ଘରେ ନାମ ସମୁହ ନାମ ସର୍ବତ୍ର ନାମରେ ଆସ୍ତେ ଆସ୍ତେ ଅସ୍ତର ହିଂସା ବିଗ ଲୋକେ ଭୁଲିଲେ ନିରଶ୍ରୀ କରଣ ଲୋକେ ମନକୁ ମନ ହେଲେ । ରାଜଙ୍କ ରାଜସ୍ୱ କେମିତିକା ଆଦାୟ ହେବ, ଏପରିଁ ଉପାୟ ବାହାରିଲା ଖାରିଫ ଧାନର ଆମଦାନୀ ମାତ୍ର ମାସ ସାରିକି ଆଦାୟ ହୁଏ । ଏହାପରେ ଚାଷୀ ବିହନ ରଖି, ଦେବତାଙ୍କ, ଗୁରୁଭାଗ କିଛି ଦାନଭାଗ ରଖି ବାକି ଭୋଜନରେ ଲଗାନ୍ତି ବାରମାସୀ ଦିଅଁ ଦେବତା ପୂଜା, ବାର୍ଷିକ ପିତାମାତା ଶ୍ରାଦ୍ଧ ଏହା ଚାଲୁଛି କିନ୍ତୁ ଚୈତନ୍ୟ ଦେବଙ୍କ ଜୟନ୍ତୀ ଦିନକୁ ପ୍ରତିଗ୍ରାମର ଦୋଳାରେ ପଟୁଆର ଆସୁଥିବା ରାଧାକୃଷ୍ଣ ଯୁଗଳ ବିଗ୍ୟ ପ୍ରତିମା ଘର ଘର ବୁଲି ଜଂଚା ମାଟିସରାରେ ଖଇ, ଲଡୁଡ଼ା, ଖଜା, ଚଣା, ପାଟିଲାଳବଦୀ, ମିଠା, ସୁସାଦ ଭୋଗ ଲାରିବା ପରେ ଦିଅଁ ବିଦାୟ ବେଳେ ସ୍ୱଇଛାରେ ଲୋକେ ସ୍ୱ କ୍ଷେତ୍ରରୁ ପ୍ରାପ୍ତ ଶସ୍ୟାଗୁ ରାଜଭାଗକୁ ଦେବ ସମ୍ଭାରରେ ଠାକୁର ସହ ଆସିଥିବା ସଂକୀର୍ତ୍ତନ ଦଳର ଜର୍ମକିର୍ତ୍ତାଙ୍କୁ ଅର୍ପଣ କରୁଥିଲେ ପରେ ଏହା ସବୁ ଗ୍ରାମରୁ ଶ୍ରୀଖେତ୍ର ମଠକୁ ବା ରାଜ ପାଣ୍ଠିକୁ ଯାଉଥିଲା । କାହାରି ମାରେ ଦୁଃଖ ଦେଇ ନିଜେ ସୁଖୀ ରହିବା କେବେ ଠିକ ନୁହେଁ । ପ୍ରେମରେ ବଂଚିବା ଚୈତନ୍ୟ ଶିକ୍ଷା ଦେଇଛନ୍ତି । ନାମ କୀର୍ତ୍ତନ ପାଇଁ ଜାଣି ଆଣ ନାହିଁ ସଂକୀର୍ଣ୍ଣତା ନାହିଁ, ଆଉ ଅବିର ଗୁଲୁଲ ରଙ୍ଗ ଖେଳ ପ୍ରେମର ଖେଳ ଏଥିରେ ପୂର୍ବ ଧାରା ଏବେ ବିଲୁପ୍ତ ଅବିର ଶସ୍ୟ ବୃକ୍ଷରେ ପ୍ରାକୃତିକ ପତ୍ରର ଗୁଣ୍ଡରଙ୍ଗରେ ପ୍ରସ୍ତୁତ ରଚୁଥିଲା ବିଭିନ୍ନ କାଠର ସିଝା ରସ ଜଳରେ ମିଶାଇ ପିଚକାରୀ କରାଯାଉଥିଲା ଯାହା ରଙ୍ଗଖେଳ ପରେ ଗାଧୋଇ ଯାଇ ଗଷ୍ଟି ହେଲେ ଶରୀର ଲୋମରୂପ ପରିଷ୍କାର ରହି ଆଗକୁ ଆସିବା ପ୍ରଚଣ୍ଡ ଗରମରେ ଚର୍ମ କାହାଣ୍ଡିଯାଇ ମନୁଷ୍ୟ ଶରୀରର ଯୁରିକି ଏସିଡ଼ ଜନିତ କୁପ୍ରକ୍ରିୟା କରାଇ ନଥାଏ । ମାତ୍ର ଏ ସମୟର ସାମ୍ପାତିକ ରଙ୍ଗ ଯାହା ଏଯୋଡ଼ାଇ ଜଂଗୋରେଡ଼ ଆଇଜନ ଅକ୍ସାଏଡ଼, ପରି ରଙ୍ଗରେ ଅଳ୍ପ ଗୁଣ୍ଡାମିଶି ମୁଣ୍ଡରକେଶ ଶରୀରର ଚର୍ମ ଏପରିକି ଚକ୍ଷୁରେ ଲାଗି ଖତି କରାଯାଉଛି । ଯଦି ପୁଣି ହୋଲି ରଙ୍ଗଖେଳ ଅଣାଣି ହିଂସା ସୃଷ୍ଟି କରୁଛି ନାମ ହିଁ ମୋଲଣ ଚାଲିଛି । ଏହା ଆଗକୁ ଲଣ ରୂପ ନେବ ଦେଖିବାକୁ ବାକି ରହିଲା ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ମା'ର ସ୍ନେହ : ନାରୀର ସଂସାର ଅସାର

॥ ଡଃ.ଅରୁନ୍ଧତୀ ଦେବୀ ॥

ଯାହାର ବ୍ୟକ୍ତିତ୍ୱ ନିଃସ୍ପଷ୍ଟିତ ହୋଇଯାଏ ସ୍ୱାର୍ଥପର ଏକ ସମାଜର ନାଲି ଆଖି ନିଜଟରେ । ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ । ସାରା ଜୀବନ ଯିଏ ଧୂପଜାଠିଟିଏ ପରି ବ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମସ୍ତ ପରିବେଶକୁ ବାସ୍ପାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଦାଲିଛି ଅବହେଳିତ, ଲାଞ୍ଛିତ, ପଦଦଳିତ ଜାଡ଼ିଲେ, ଜଦ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଲେ ଯୌତୁକ ଜନିତ ବଧୂ ହତ୍ୟା, ଜନ୍ୟା ଭ୍ରୂଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତାର ମହାନତା । ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅବଜ୍ଞାନ ସମସ୍ତ ଧରିତ୍ରୀର ଅବଜ୍ଞାନ । ନାରୀ ବିନା ସୃଷ୍ଟି ଯେ ଅସମ୍ଭବ । ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆଶିବ କୁଆଡ଼ୁ ? ସ୍ୱାମୀ ସାମ୍ନ, ସ୍ତ୍ରୀ ରତ୍ନ । ସ୍ୱାମୀ ଆକାଶ, ସ୍ତ୍ରୀ ମୃତ୍ତିକା । ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗୀନ, ଛାତ୍ରାଜନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି । ଏହି ନାରୀ ଦୁର୍ବଳା ନୁହେଁ । ଜନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାଇଜେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ରୁଦ୍ରମୂର୍ତ୍ତି ମହାକାଳି, ମହିଷମର୍ଦ୍ଦିନୀଙ୍କର ବିଶ୍ୱରୂପ ରୂପ ଧାରଣ କରିପାରେ । ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି । ମାତ୍ରା ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତାତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଜୀବ୍ୟ । ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ । ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା । ଶିଷ୍ୟାଗଣଙ୍କ ଭସ୍ମକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିବାଲିଲେ ଛୋଟ ସହରରେ ଏକ ବମ୍ପତି ରହୁଥାନ୍ତି । ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ । ଆଚାକ ଆକସ୍ମିକ ମୃତ୍ୟୁ ହୋଇଗଲା । ଆର୍ଥିକ ଅବସ୍ଥା ଭଲ ନଥାଏ । ପୁଅର ସ୍କୁଲ ଫଷ୍ଟଲିଲେ ମା' ରୋଷେଇ ଲାଗି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ । ପୁଅଟି ଭଲ ପାଠ ପଢୁଥାଏ । ଦିନେ ପୁଅର ଜଣେ ସାଙ୍ଗ ଆସି କହିଲା ଏଇ, ତୋ ମା କାଣୀ । ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ । ପୁଅଟୁ ଖରାପ ଲାଗିଲା । ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣା ରୋଷେୟାଙ୍କ ପୁଅ ବୋଲି । ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ । ମା'ର ପରିଚୟ ଠାରୁ ଦୂରେଇ ଯିବ । ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା । ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ । ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା । ପୁଅ ବଡ଼ ଅଫିସର, ବାହାଘର ହୋଇ ସହରରେ ରହୁଛି । ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖିବା । ପଚାରି ପଚାରି ଗଲା । ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା । କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା । କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି । ଏ ଭିତରେ ଜିଛି ମାରି ଚାଲିଗଲା । ଜ'ଣ ସଜାଳାରୀ ଜାମରେ ପୁଅ ସେଇ ଗାଁକୁ ଆସିଥାଏ । ଜ'ଣ ମନ ହେଲା ଜେଠାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖୁଯିବି । ଘରେ ପହଂଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି । ପଡ

ଦୈନିକ
ଆରମ୍ଭ
SEITHO ARAMBHA

ଶନିବାର, ୭ ମାର୍ଚ୍ଚ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ପାତ୍ରପୁର ତଳ ବସଷ୍ଟାଣ୍ଡ ଠାରେ ଦ୍ୱିତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ

ପାତ୍ରପୁର, ୦୬/୦୩ (ଆ.ପ୍ର) : ପାତ୍ରପୁର ତହସିଲ ପଞ୍ଚାୟତ ପାତ୍ରପୁର ତଳ ବସଷ୍ଟାଣ୍ଡ ଠାରେ ଗତ ଜୁଲାଇ ମାସରେ ମାଇଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଅଶୋକ ପଟ୍ଟନାୟକଙ୍କ ଉପସ୍ଥିତି ରହି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ସୂଚନା ଅନୁସାରେ ଗତବର୍ଷ ମାର୍ଚ୍ଚ ମାସରେ ପାତ୍ରପୁର ତହସିଲ ପଞ୍ଚାୟତ ତଳ ବସଷ୍ଟାଣ୍ଡ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଜବରଦଖଲ ହଟାଇବାକୁ ନୋଟିସ ଜାରି କରାଯାଇଥିଲା । ବାରମ୍ବାର ନୋଟିସ ଜାରି କରି ସରକାରୀ ଜମି ଜବରଦଖଲ ଜାରି ମାନଙ୍କୁ ନିଜ ଆଜରୁ ସରକାରୀ ଜମି ଛାଡ଼ିବାକୁ ଆବେଦନ ପ୍ରଦାନ କରିଥିବା ସତ୍ତ୍ୱେ ଜବରଦଖଲ କାରି ଜର୍ଣ୍ଣପାତ କରିନଥିଲେ । ତେଣୁ ଜୁଲାଇ ୧୪ ତାରିଖ ଦିନ ପାତ୍ରପୁର ତହସିଲ ପଞ୍ଚାୟତ ସହଯୋଗରେ ପ୍ରାୟ ସାତୋଟି ଜେସିବି ମେସିନ ଲଗାଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଏହି ବିଷୟରେ ଜବରଦଖଲ କାରୀ ଓ ପ୍ରଶାସନିକ ଅଧିକାରୀଙ୍କ ବହୁ ଯୁକ୍ତିତର୍କ ପରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ କରାଯାଇଥିଲା । କିଛି ଦିନ ପରେ ପୁଣି ପାତ୍ରପୁର ତହସିଲ ପଞ୍ଚାୟତ ବଳକା ଜବରଦଖଲ କାରୀଙ୍କ ଜବରଦଖଲ ଜମି ଚିହ୍ନଟ କରି ଦ୍ୱିତୀୟ ଥର ପାଇଁ ନୋଟିସ ଜାରି କରାଯାଇଥିଲା । ଗତ ବୁଧବାର ଦିନ ପ୍ରଶାସନ ପଞ୍ଚାୟତ ଡାକବାଜି ଯନ୍ତ୍ର ଯୋଗେ ପାତ୍ରପୁର ତଳ ବସଷ୍ଟାଣ୍ଡରେ ସୂଚନା ଦିଆଯିବା ପରେ ଆଜି ଅର୍ଥାତ୍ ଶୁକ୍ରବାର ଦିନ ତହସିଲଦାର ଅଶୋକ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଜବରଦଖଲ ଉଚ୍ଛେଦ ସମୟରେ ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ, ଏଣ୍ଟିପିସି ବିଶ୍ୱମିତ୍ର ହରପାଲ, ଜରତା ଥାନା ଅଧିକାରୀ ମୀନାକ୍ଷୀ ବଳବେହେରା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଅଭୀ ସ୍ୱାଇଁ ପାଣ୍ଡିଗ୍ରାହୀ ସହିତ ପାତ୍ରପୁର ତହସିଲ କାର୍ଯ୍ୟାଳୟ କର୍ମଚାରୀ ଓ ସ୍ଥାନୀୟ ଗାଡ଼ିବ୍ସ ନାଡିଶାଳ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପଞ୍ଚାୟତ ପ୍ରାୟ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିବା ଦେଖିବାକୁ ମିଳିଛି । ଏନେଇ ତହସିଲଦାରଙ୍କ ସହିତ ଯୋଗାଯୋଗ କରିବାରୁ ଯାହା ପୂର୍ବରୁ ଚିହ୍ନଟ କରାଯାଇଛି ତାହାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଅଶୋକ ପଟ୍ଟନାୟକ କହିଛନ୍ତି ।

ନବରଙ୍ଗପୁର ଅବକାରୀ ବିଭାଗର ଚଢ଼ାଉରେ ଜଣେ ଆସାମୀ ଗିରଫ

ନବରଙ୍ଗପୁର, ୦୬/୦୩ (ଆ.ପ୍ର) : ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତଥା ଅବକାରୀ ଅଧିକ୍ଷକ ଶ୍ରୀ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ଜୋଡ଼ାଙ୍ଗା ଥାନା ଅନ୍ତର୍ଗତ, ବଡ ମସି ଗାଁ ଗ୍ରାମରେ ଚଢ଼ାଉ କରି, ଜଣେ ପୁରୁଷ ଆସାମୀ, ଗଦାଧର କୁମାର ନିଙ୍କଟରୁ ୧୫(ପନ୍ଦର) ଲିଟର ଚୋରା ଦେଶୀ ହାତ ତିଆରି ମଦ ଜବତ କରାଯିବା ସହ ଶୀଲିଡର ୬୨୦ମିଲି ଲିଟର ଓଗରଣ ଜବତ କରାଯାଇଛି । ଆସାମୀକୁ ମାନ୍ୟବର SDJMଙ୍କ ଅଦାଲତରେ ହାଜର କରାଯାଇଛି, vide PR No- 133/2025-26 of Inspetor of Excise Nabarang pur Range ରେ ମାଲଦମୀ ଗୁଡ଼ୁ କରାଯାଇଛି, ଏହି ଚଢ଼ାଉ ରେ ରିସମା ସୁନା ଓ ଆକ୍ରମ ଖାନ ସହଯୋଗ କରି ଥିଲେ ।

ପ୍ରକଳ୍ପ ଅଧିକାର ଦ୍ୱାରା, ବନ ସୁରକ୍ଷା ଲୋକ ସାଂସ୍କୃତିକ ଯାତ୍ରା ଅନୁଷ୍ଠିତ

ଦଶପଲ୍ଲା, ୦୬/୦୩ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ କୁଡ଼ୁରୁକୁଣ୍ଡା ଗ୍ରାମପଞ୍ଚାୟତ ଅଧୀନ ଆଦିମ ଜନ ଜାତି ଲୁପର ଡ଼ିଜିରି ଗ୍ରାମରେ ଅଗ୍ନି ଦାଉରୁ ବନ ରକ୍ଷା କରିବା, ଏହାକୁ ପ୍ରତିରୋଧ କରିବା ବିଷୟରେ ଗ୍ରାମ ଗୋଷ୍ଠୀଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଚରପଟୁ ଗ୍ରାମ ଗୋଷ୍ଠୀଙ୍କ ସହଯୋଗ ରେ ଲୋକ ସାଂସ୍କୃତିକ ଯାତ୍ରା ଗ୍ରାମର ମୁଖ୍ୟ ବିଦ୍ୟାଳୟ ମଳିକ ଏବଂ ନାଳୟର ମଳିକଙ୍କ ଉପସ୍ଥିତିରେ ଅଧିକାର ମିତ୍ର ବବିତା ନାୟକଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଜଙ୍ଗଲ ପୋଡି, ପରିବେଶ ସୁରକ୍ଷଣ, ବାନ୍ୟବନ୍ଧୁ ଶିକାର ଇତ୍ୟାଦି ନ କରିବା ପାଇଁ ଗୀତ ମାଧ୍ୟମରେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଉପସ୍ଥିତ ଗ୍ରାମ ବାସୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଜଳ, ଜମି, ଜଙ୍ଗଲ, ପ୍ରାକୃତିକ ସମ୍ପଦ ଓ ଜୈବ ବିବିଧତାର ସୁରକ୍ଷା କରିବା ଅତ୍ୟନ୍ତ ଜରୁରୀ ଏବଂ ଏହା ମାନବ ସମାଜ ଓ ଜଙ୍ଗଲ ବାସୀଙ୍କ ଜୀବନ ଜୀବିକା, ଖାଦ୍ୟ, ରୋଜଗାର ଓ କର୍ମ ନିଯୁକ୍ତିର ମୂଳ ଭିତ୍ତି ଓ ଭବିଷ୍ୟତ ପିଢ଼ିଙ୍କ ପାଇଁ ବଂଚିବାର ମୁଖ୍ୟ ସମ୍ବଳ ବୋଲି ପ୍ରକଳ୍ପ ପରିଚାଳକ ପ୍ରଭାତ କୁମାର ସାହୁ ଭକ୍ତ କାର୍ଯ୍ୟକ୍ରମରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧିକାର ମିତ୍ର ଦାମୋଦର ନାୟକ, ସରୋଜିନୀ ମଳିକ ଏବଂ ମାମିନୀ ନାୟକ ଇତ୍ୟାଦି ନିଜାଁ ବାଲରୁ ବଣକୁ ରକ୍ଷା କରିବା ପାଇଁ ଗ୍ରାମବାସୀ ଐକ୍ୟବଦ୍ଧ ହୋଇ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ ଏବଂ ବବିତା ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ବଳାତ୍କାର ଉଦ୍ୟମ ଅଭିଯୋଗ

ହାଟଦିହି, ୦୬/୦୩ (ଆ.ପ୍ର) : କିଛି ରସିକିଆ ଶିକ୍ଷକଙ୍କ ପାଇଁ ଦିନକୁ ଦିନ ଜଳଙ୍କିତ ହେଉଛି ଶିକ୍ଷାଅନୁଷ୍ଠାନ ଓ ପୃଷ୍ଠା ମଣ୍ଡନ କରୁଛି ଏପରି କିଛି ଖବର । କେଉଁଠି ଶିକ୍ଷୟତ୍ରୀ ହେଉଛନ୍ତି ଯୌନ ନିର୍ଯ୍ୟାତନାର ଶିକାରକେଉଁଠି ଛାତ୍ରଛତ୍ରୀ । ହାଟଦିହି ବ୍ଲକର ଏକ ବିଦ୍ୟାଳୟରେ ଶିକ୍ଷୟତ୍ରୀଙ୍କୁ ପ୍ରଧାନ ଶିକ୍ଷକ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହାଇଛି । ଏନେଇ ଶିକ୍ଷୟତ୍ରୀ ବ୍ଲକ ଶିକ୍ଷା ଅଧିକାରୀ ଙ୍କ ନିକଟ ଅଭିଯୋଗ କରିବା ପରେ ସମ୍ମୁଖ ଅଂଚଳରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି । ଶିକ୍ଷୟତ୍ରୀ ଜଣକ କରିଥିବା ଅଭିଯୋଗ ଅନୁସାରେ ଶନିବାର ଦିନ ସ୍କୁଲ ଛୁଟି ହେବାପରେ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଦୁଇଜଣ ମାତ୍ର ସ୍କୁଲରେ ଥିଲେ । ଏହାରି ସୁଯୋଗରେ ପ୍ରଧାନ ଶିକ୍ଷକ ଜଣକ ଶିକ୍ଷୟତ୍ରୀଙ୍କୁ ଏକୁଟିଆ ପାଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ । ଶିକ୍ଷୟତ୍ରୀ ବୌଦି ପଳାଇ ଆସିବାକୁ ଉଦ୍ୟମ କରି ବାରୁ ପ୍ରଧାନ ଶିକ୍ଷକ ତାଙ୍କ ଶଙ୍ଖାଳ ଚାଣି ଧରି ଅଶୌଚନୀୟ ବ୍ୟବହାର କରିଥିଲେ । ଏନେଇ ଶିକ୍ଷୟତ୍ରୀ ଜଣକ ଆଜି ବ୍ଲକ ଶିକ୍ଷା ଓ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

ଅକ୍ଷର, ଶବ୍ଦ ଶୁଦ୍ଧି ପାଇଁ ପ୍ରଶାସନ ସଚେତନ ହେଉ

ପାଟଣାଗେଡ଼ମୁଣ୍ଡି, ୦୬/୦୩ (ଆ.ପ୍ର) : ନିକଟରେ ରାଜ୍ୟ ସରକାର ରାଜ୍ୟର ସମସ୍ତ ସହର ତଥା ଜିଲ୍ଲାର ଓଡିଆ ନାମକରଣରେ ଇଂରାଜୀ ଅକ୍ଷରରେ ସଂଶୋଧନ ପାଇଁ ନିୟମ କରିଛନ୍ତି । ଏହା ସ୍ୱାଗତଯୋଗ୍ୟ । କିନ୍ତୁ ଓଡ଼ିଆ ଭାଷାରେ ଲେଖିଲାବେଳେ ଯେଉଁ ଜେତୋଟି ଭୁଲ ତୁଷ୍ଟି ଗୋଚରକୁ ଆସିଛି ତାର ସଂଶୋଧନ ଏପର୍ଯ୍ୟନ୍ତ ହୋଇ ପାରୁନାହିଁ । ତାହା ଗଜପତି ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟର କିଛି ଫଳକରେ ଏହିଭଳି ଭୁଲ ଦେଖାଦେଇଛି । କିଛି ବର୍ଷ ତଳେ ସବୁ ସାଇନ୍ ବୋର୍ଡରେ ଓଡ଼ିଆ ଅକ୍ଷର ବାଦଦାମୂଳକ ଭାବେ ଲେଖିବାକୁ ନିର୍ଦ୍ଦେଶ ପ୍ରଶାସନ ଦେଇଥିଲେ ।ତଥାପି କିଛି ବ୍ୟବସାୟୀ ଏ ପର୍ଯ୍ୟନ୍ତ ପାଳନ କରିନାହାନ୍ତି । ତାହାଛଡା ଏଠାରେ ଓଡିଆ ଓ ରୋମୁଲୁ ଦ୍ୱିଭାଷୀ ଅଂଚଳରେ କେତୋଟି ଆଞ୍ଚଳିକ ଶବ୍ଦରେ ଭୁଲ ଦେଖାଦେଇଛି । ପାଟଣାଗେଡ଼ମୁଣ୍ଡି ରାଜପ୍ରାସାଦ ସମ୍ମୁଖ ବୋର୍ଡରେ 'ରାଜପ୍ରାସାଦ' ଲେଖାଯାଇଛି । ସେହିଭଳି ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ଥାନରେ 'ବିଦ୍ୟାଳୟ' ଏବଂ ଭୁଜାଲୁ 'ଭୁଜୁ' ଲେଖାଯାଇଛି । ଏହିଭଳି କାଣିଶୁଣି ଭୁଲ ଭ୍ରମାଗତ ଅଭ୍ୟାସରେ ପରିଣତ ହୋଇଯାଇଛି । ଏ ଦିଗରେ ଗଜପତି ଜିଲ୍ଲା ପ୍ରଶାସନ ବୁଦ୍ଧି ଦେବାକୁ ସ୍ଥାନୀୟ ଶିକ୍ଷବିତ୍ ମାନେ ଅନୁରୋଧ କରିଛନ୍ତି ।

ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏଚ ପି ଭି ଟୀକାକରଣ ଅଭିଯାନର ଶୁଭାରମ୍ଭ

ପାପଡାହାଣ୍ଡି, ୦୬/୦୩ (ଆ.ପ୍ର) : ପାପଡାହାଣ୍ଡି ପଂଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାପଡାହାଣ୍ଡି ଠାରେ ଏଚପିଭି ଟୀକାକରଣର ଉଦଘାଟନ କରିଥିଲେ । ଏହି ଅବସରରେ ସେ ଏହି ଟୀକା କିଭଳି ସମସ୍ତ ୧୪ରୁ ୧୫ ବର୍ଷର ବାଳିକାମାନଙ୍କୁ ଦିଆଯାଇପାରିବ ସେ ସମ୍ବନ୍ଧରେ ଗୁରୁତ୍ୱ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପାପଡାହାଣ୍ଡି ଗୋଷ୍ଠୀ ଜନୁସମ୍ବନ୍ଧ ଅଧିକାରୀ କପିନଦେବ ସାହୁ ଜଣାଇଥିଲେ ଯେ ସରକାର ୪୦୦୦ ଟଙ୍କାର ଟୀକା ବିନାମୂଲ୍ୟରେ ପ୍ରଦାନ କରୁଛନ୍ତି ଯାହାର ସୁଯୋଗ ସମସ୍ତେ ନେବା ଉଚିତ । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ମନସ୍ୱିତା ମାଝି ଏଚ ପି ଭି ଟୀକାକରଣ କିପରି ଏଚ ପି ଭି ଭୂତାଣୁ ଜନୁଜୁ ଗ୍ରୀବା କର୍କଟ ରୋଗକୁ ପ୍ରତିରୋଧ କରିପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ସିଡିପିଓ ସୁର୍ଣ୍ଣ ପ୍ରଭା ଦାସ, ଏବିଇଓ ବାନକବାସ ରକ୍ଷାରୀ, ବିପିଏମ, ଏଲଏଚଭି, ଟିପିଏମ, ଡିଇଓ ପ୍ରମୁଖ ଉପସ୍ଥିତି ରହି ସମସ୍ତଙ୍କୁ ଉଦ୍ଧାହିତ କରିଥିଲେ । ଆଜି ମୋଟ ୧୨ ଜଣ ହିତାଧିକାରୀଙ୍କୁ ଟୀକା ପ୍ରଦାନ କରାଯାଇଥିଲା ।

ବାଲି ମାଫିଆ ଏବଂ ସରକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବାଲିଘାଟ ନେଲା କିଶୋରଙ୍କ ଜୀବନ

ଯାଜପୁର, ୦୬/୦୩ (ଆ.ପ୍ର) : ବେଆଇନ ବାଲି ଘାଟ ମାଲିକ ଓ ବିଭାଗୀୟ ଅଧିକାରୀଙ୍କ ମନମାନୀର ପରିଣାମ ସ୍ୱରୂପ ଜଣେ ନିଷ୍ପାପ କିଶୋରଙ୍କ ଜୀବନ ଚାଲିଯାଇଛି । ଯାଜପୁର ଜିଲ୍ଲା ଯଖପୁରା ଅଂଚଳରେ ହୋଲିର ରଙ୍ଗ ଶୋକର କାଳିମାରେ ପରିଣତ ହୋଇଛି । ବ୍ରାହ୍ମଣୀ ନଦୀର ବିଜାମରପୁର ଘାଟରେ କୌଣସି ସରକାରୀ ଅନୁମତି ନଥାଇ ଚାଲିଥିବା ବେଆଇନ ବାଲି ଖାଦାନ ଆଜି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦ ସାଜିଛି । ୧୦ ଫୁଟରୁ ଉର୍ଦ୍ଧ୍ୱ ଗଭୀର ଗର୍ତ କିଶୋରଙ୍କ ପାଇଁ ସାଜିଛି କାଳ । ଏସବୁ ସତ୍ତ୍ୱେ ପ୍ରଶାସନର ନୀରବତା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ନିୟମକୁ ଫୁଁ ପ୍ରଶାସନ ଅସହାୟ ବେଆଇନ ଖନନର ଭୟଙ୍କର ଚିତ୍ର । ଅଭିଯୋଗ ଅନୁଯାୟୀ, ବିଜାମରପୁର ବାଲି ଘାଟ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବିଧି ବଦ୍ଧ ଅନୁମତି ମିଳିନାହିଁ । ଏହି ଘାଟରୁ ସରକାରଙ୍କୁ କୌଣସି ରୟାଲଟି ମିଳୁନାହିଁ, ଯାହାଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି । ବିଜାମରପୁର ବାଲିଘାଟ ପରିଚାଳନା ପାଇଁ ଆବଶ୍ୟକ ପରିବେଶ ମଞ୍ଜୁରୀ (ଭଞ୍ଜକ) କିମ୍ବା ବିଭାଗୀୟ ଲିଜରାଜ୍ୟ ନଥାଇ ବଡ଼ ବଡ଼ ମେସିନ ଏବଂ କଂପ୍ରେସର ଡ଼ଙ୍ଗା ଲଗାଇ ୧୦ ଫୁଟରୁ ଅଧିକ ଉତ୍ତାରରେ ବାଲି ଉତୋଳନ କରାଯାଉଛି । ସାଧାରଣ ଅଭିଯୋଗ ହେଉଛି ବାଲି ମାଫିଆ, ବିଭାଗୀୟ ଅଧିକାରୀ ଏବଂ ପୋଲିସ ମଧ୍ୟରେ ଥିବା ଅସାଧୁ ମେଂଟ ଯୋଗୁଁ ଏହି ବେଆଇନ କାରବାର ଉପରେ କୌଣସି ଅଙ୍କୁଶ ଲାଗିପାରୁ ନାହିଁ । ମୃତ କିଶୋର ସମର୍ଜିତ ମଳିକ ଅ ସମୀରଙ୍କ ପରିବାର ଏବେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ବେଆଇନ ଘାଟ ମାଲିକଙ୍କ ବେପରୁଆ କାର୍ଯ୍ୟାନୁଷ୍ଠାନ ପାଇଁ ସମରଙ୍କ ଜୀବନ ଯାଇଥିବାରୁ ପରିବାର ଲୋକେ କ୍ଷତିପୂରଣ ଦାବି କରିଛନ୍ତି । ସରକାରୀ ସ୍ତରରେ ଏହି ଘଟଣାର ଏକ ସ୍ୱାଧୀନ ତଦନ୍ତ ସଂସ୍ଥା ଦ୍ୱାରା ତଦନ୍ତ କରାଯାଇ ଦୋଷୀ ବାଲି ମାଫିଆ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କଠୋର ଆଇନଗତ ଦଣ୍ଡ ବିଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ଜାଗିଛି । 'ପ୍ରଶାସନ କାନ୍ଥ ଚାପରେ ରୂପ୍ ସାଧାରଣ ରେ ଉଠୁଛି ପ୍ରଶ୍ନ ? କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ହେଉଥିବା ବେଳେ ଜଣେ ନିରୀହର ଜୀବନ ଗଲା ପରେ ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତାହା ଏବେ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି ।' ଦୋଷୀ ମାନଙ୍କ ବିରୁଦ୍ଧରେ କେବେ ନେବେ ବୃଦ୍ଧ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ରହିଲା ବାକୀ !

ପ୍ରଚେଷ୍ଟା ଓ ଅଧ୍ୟବସାୟ ପିଲାଙ୍କ ଭବିଷ୍ୟତ ତିଆରି କରେ

ଟାଙ୍ଗୀ ଗୋଟ୍ଟାଗ, ୦୬/୦୩ (ଆ.ପ୍ର) : କଟକ ଜିଲା ଜଗତପୁର ଥାନା ଅଧୀନ ଗୋପବନ୍ଧୁ ନଗର ସ୍ଥିତ ସାଇ ଇଂଟିଗ୍ରେଟେଡ ପବ୍ଲିକ ସ୍କୁଲର ସାଇ ସ୍ପିଂପେଷ୍ଟ ୨୦୨୫-୨୬ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଚେୟାରମ୍ୟାନ ସୁରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାଗବାଟି କଟକ ବିଧାୟିକା ଦୋଫିଆ ଫିର୍ଦୌସ ଯୋଗ ଦେଇ ଶିକ୍ଷା ସମ୍ବନ୍ଧର ଏକ ଅପରିହାର୍ଯ୍ୟ ଅଙ୍ଗ । ପ୍ରଚେଷ୍ଟା ଓ ଅଧ୍ୟବସାୟ ହିଁ ପିଲାଙ୍କ ଭବିଷ୍ୟତ ତିଆରି କରେ । ବୌଦ୍ଧିକ ବିକାଶ ସହ ସାମଗ୍ରିକ ବିକାଶ ଉପରେ ସେ ଗୁରୁତ୍ୱ ଆରୋପ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସିଆରସିସି ସରସ୍ୱତୀ ନାୟକ ଭାବରେ ଯୋଗ ଦେଇଥିଲେ । ପରେ ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ଭାରତୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । କାଳନ ସାହୁ, ଅନୁପମା ମିଶ୍ର, ସୁଚିସ୍ମିତା ବେହେରା, ସୋନୁ ବେହେରା, ପୂର୍ଣ୍ଣିମା ବେହୁରା, ପୁଷ୍ପା ମହାରଣା, ମୋନାଲିସା ମାଝି, ଅର୍ପିତାତରାଇ, ଜନୁଜୟ ବାରିକ, ଭାରତୀ ମଳିକ ଇତ୍ୟାଦି କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିଥିଲେ । ସ୍କୁଲର ପ୍ରିନ୍ସିପାଲ ଗୀତାଞ୍ଜଳି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

ଚିକିତ୍ସାରେ ଅର୍ଥ ସାଜିଛି ବାଧକ ସରକାରୀ ସହାୟତା ପାଇଁ ପ୍ରଶାସନ ନିକଟରେ ଗୁହାରୀ

ବାଲିଗୁଡା, ୦୬/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ଅନ୍ତର୍ଗତ କୁଡ଼ୁତୁଳି ପଂଚାୟତର ୧୧ ନମ୍ବର ୱାର୍ଡ଼ରେ ଥିବା ସାରଙ୍ଗଗଡ଼-ବାଲିଗୁଡ଼ା ମୁଖ୍ୟ ରାସ୍ତାକଡ଼ ବଲମର ପଦା ଗାଁରେ ବସବାସ କରୁଥିବା ମାଳିନୀ ପ୍ରଧାନ (୨୩) ପ୍ରାୟ ୫ ବର୍ଷ ଧରି ପେଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ଭାଙ୍ଗାଘର ଆବରି ଘରେ ପଡ଼ି ରହିଛନ୍ତି । ବର୍ତ୍ତମାନ ମାଳିନୀର ପେଟ ଅସ୍ୱାଭାବିକ ଭାବେ ବଢ଼ିବା ସାଙ୍ଗକୁ ଯନ୍ତ୍ରଣା ଭୋଗୁଛନ୍ତି । ଘରେ ଏକ ମାତ୍ର ରୋଜଗାରିଆ ଭାଇ ଯଶୋବନ୍ତ ପ୍ରଧାନ (୨୬) କୁଲି ମଜୁରି କରି ପରିବାର ଚଳାଉ ଥିବା ବେଳେ ଭଉଣୀ ମାଳିମାନ ଉପମ ଚିକିତ୍ସା କରି ପାରୁ ନାହାନ୍ତି । ଏପଟେ ବୃଦ୍ଧ ବାପା ମୃତ ହୋଇଥିବା ବେଳେ ଘରେ ପକ୍ଷାଘାତ ଆକ୍ରାନ୍ତି ମାଆ ରହିଛି ।ତା ଯୋଗୁଁ ଭଉଣୀର ଚିକିତ୍ସା କରିବା ପାଇଁ ଆଉ ସମ୍ବଳ ନାହିଁ । ଭଉଣୀ ମାଳିମାନୁ ବିଭିନ୍ନ ସ୍ଥାନକୁ ଚିକିତ୍ସା ପାଇଁ ନେଇ ଖର୍ଚ୍ଚାନ୍ତ ହୋଇ ପାଖରେ ଯାହା ଥିଲା ବିକି ଭାଙ୍ଗି ସବୁ ସାରି ସେଇଛନ୍ତି । ବୁଢ଼ୁକୁ ନେଇ ଅଧିକ ଚିକିତ୍ସା ପାଇଁ ସମ୍ବଳ ନଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ମାଳିମାନୁ ଜରୁରୀ ମାନର ପାଇଁ ଚିକିତ୍ସା ସହାୟତା ପ୍ରଦାନ କରିବା ପାଇ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି । ଏ ନେଇ କ.ନୂଆଗାଁ ବିଡ଼ିଓ ଶୁଭ୍ରାଞ୍ଜଳୀ ପ୍ରଧାନ ଓ ସରପଂଚ ଶ୍ରୀଚନ୍ଦ୍ର ମଲ୍ଲିକଙ୍କ ଦୃଷ୍ଟି ଆକର୍ଷିତ କରାଯିବାରୁ ସରକାରୀ ସ୍ତରରେ ଯାହା ସହାୟତା ହୋଇ ପାରିବ ଏବଂ ଅଧୁନିକ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି । ଏହା ସହ ମାଳିମାନୁ ପ୍ରଧାନଙ୍କୁ ଜୈନିସିସି ସହୃ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୭ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଯାଜପୁରରେ ମହାସମାରୋହରେ ପାଳିତ ହେଲା ବୌଦ୍ଧିକ ଆଲୋଚନାଚକ୍ର 'ଯେ- ଲୋର ୨୦୨୬'

ଯାଜପୁର,୦୬/୦୩ (ଆ.ପ୍ର) : ଜିଲ୍ଲା ମହୋତ୍ସବ 'ଯଯାତି-୨୦୨୬'ର ପୂର୍ବାଭାସ ସ୍ୱରୂପ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ଯାଜପୁର ଆନୁକୂଲ୍ୟରେ ଏକ ଭଜକୋଟାର ସାହିତ୍ୟିକ ତଥା ବୌଦ୍ଧିକ ଆଲୋଚନାଚକ୍ର 'ଖି-ଖଜଳର ୨୦୨୬' (ଯାଜପୁର ସାହିତ୍ୟ ଓ ବିମର୍ଶ - ଅତୀତର ଗାଥା, ଭବିଷ୍ୟତର ପଥ) ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଅପରାହ୍ନ ୩.୩୦ ମିନିଟ୍ ସମୟରେ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଯାଜପୁରର ସମୃଦ୍ଧ ଐତିହ୍ୟ, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଏବଂ ଯୁବପିଢ଼ିଙ୍କୁ ନିଜ ମାଟିର ଗୌରବ ସହ ଯୋଡ଼ିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅମର କୁମାର ଜର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ସ୍ୱାଗତ ଭାଷଣରେ କହିଥିଲେ ଯେ କଳା ସଂସ୍କୃତିରେ ଥିବା ଆବେଗର ପ୍ରଳୟ ଏଆଜ ନେଇ ପାରିବ ନାହିଁ । ଏହି ଅବସରରେ ରାଜ୍ୟର ବିଶିଷ୍ଟ ଲେଖକ, ଗବେଷକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ନିଜର ସୁଚିନ୍ତିତ ଓ ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ । ଏହି ଅବସରରେ

ଯାଜପୁରର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା କାଳିତ ହସ୍ତଶିଳ୍ପର ବିକାଶ ଉପରେ ଏକ ବୃତ୍ତଚିତ୍ର ଉନ୍ମୋଚିତ ହୋଇଥିଲା । ଆମେ ଯାଜପୁରିଆ ଥିମ୍ ସଙ୍ଗୀତ ଜିଲ୍ଲାପାଳ ଅମର କୁମାର ଜରଙ୍କ ଦ୍ୱାରା ଏବଂ ଗୋପାଳପୁର ହସ୍ତତନ୍ତ ବୃତ୍ତଚିତ୍ର ଏସପି ଯଶ ପ୍ରତାପ ଶ୍ରୀମଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବିଶିଷ୍ଟ ବକ୍ତା ବୈଷ୍ଣବ ସାମଲ 'ଯାଜପୁରରେ ମାତୃକା ପରମ୍ପରା' ବିଷୟରେ ତଥ୍ୟଭିତ୍ତିକ ଆଲୋଚନା କରି ଯାଜପୁରର ଶକ୍ତି ଉପାସନାର ଇତିହାସ ବର୍ଣ୍ଣନା କରିଥିଲେ । ଐତିହାସିକ ତଥା ଗବେଷକ ଅନିଲ୍ ଧୀର 'ଯାଜପୁର ଏବଂ ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ଏବଂ ନଦୀ ବାଣିଜ୍ୟ' ଲମ୍ବରେ ଆଲୋଚନା କରି ବୈତରଣୀ ନଦୀ କୂଳରେ ଗଢିଉଠିଥିବା ସମୃଦ୍ଧ ବାଣିଜ୍ୟିକ ପେଣ୍ଠସ୍ଥଳୀର ସ୍ମୃତିଚାରଣ କରିଥିଲେ । ପ୍ରସିଦ୍ଧ ବାଙ୍କିଦ୍ ତଥା ବାଗ୍ମୀ ଜୁନା ତ୍ରିପାଠୀ 'ସାହିତ୍ୟ ପ୍ରତି ଯୁବପିଢ଼ି ବା ଜେନ-ଯେଙ୍କ କମ୍ପୁଥିବା ଆଗ୍ରହ' ପ୍ରସଙ୍ଗରେ ନିଜର ମାର୍ମିକ ବକ୍ତବ୍ୟ ରଖି ଯୁବସମାଜକୁ ପୁସ୍ତକ ସହ ଯୋଡ଼ିବାର ଆବଶ୍ୟକତା ବର୍ଣ୍ଣାଇଥିଲେ । ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଶ୍ରୀ ଦାସ ବେନହୁର 'କୃତ୍ରିମ ବୁଦ୍ଧି ବନାମ ସୃଜନଶୀଳତା' ଭଳି ଆଧୁନିକ ପ୍ରସଙ୍ଗ ଉପରେ ଗଭୀର ବିଶ୍ଳେଷଣ କରି ଉପସ୍ଥିତ ଶ୍ରୋତାମାନଙ୍କୁ ଚିନ୍ତନର ନୂଆ ଖୋରାକ ଯୋଗାଇଥିଲେ । ଏହି ଜ୍ଞାନଗର୍ଭକ ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ, ସାରସ୍ୱତ ସାଧକ, ପ୍ରଶାସନିକ ଅଧିକାରୀ ତଥା ସାଧାରଣ ଜନତା ସକ୍ରିୟ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦ ନିର୍ବାଚୀ ଅଧିକାରୀ ଦେବୀ ପ୍ରସାଦ ମହନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି ଓ ଶ୍ରୋତାମାନଙ୍କ ମଧ୍ୟରେ ଏକ ସୁନ୍ଦର ଭାବ ବିନିମୟ ପର୍ବ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନର ଏହି ଅଭିନବ ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି । ଉପଜିଲ୍ଲାପାଳ ତାପସ ରାଖନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଆବେଦନ କରିପାରିଲେନି ପ୍ରି - ମାଟ୍ରିକ୍ ସ୍କଲାରସିପ ଛାତ୍ରଛାତ୍ରୀ

ଦଶପଲ୍ଲା, ୦୬/୦୩ (ଆ.ପ୍ର) : ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପ୍ରି - ମାଟ୍ରିକ୍ ସ୍କଲାରସିପ୍ ଆବେଦନର ଶେଷ ତାରିଖ ମାର୍ଚ୍ଚ ୫ ଥିଲା । ହେଲେ ଏବେ ବି ଅଧିକାଂଶ ବିଦ୍ୟାଳୟର ଯୋଗ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ବହୁ ଛାତ୍ରଛାତ୍ରୀ ସ୍କଲାରସିପ୍ ଆବେଦନ ନକରି ଶେଷ ଦିନରେ ନିରାଶ ହୋଇଥିବା ଜଣାପଡିଛି । ଗତ ତିନିରୁ ଚାରି ଦିନ ଧରି ଆବେଦନ ପାଇଁ ଇଜିଷ୍ଟ ପୋର୍ଟାଲ ସଠିକ ଭାବେ କାର୍ଯ୍ୟ କରି ନଥିବାରୁ ଏପରିକି ଆଧାର ସିଡିଂରେ ସମସ୍ୟା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି । ଛାତ୍ରଛାତ୍ରୀଙ୍କ ଭିତରେ ସୃଷ୍ଟିରେ ରଖି ଆବେଦନର ସମୟସୀମା ବୃଦ୍ଧି ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକ ଦାବି କରିଛନ୍ତି ।

ରାଇକିଆ ଚିକିତ୍ସାଳୟରେ ଏକ୍ସରେ ଆବଶ୍ୟକ ବୋଲି ଉପଜିଲ୍ଲାପାଳଙ୍କୁ ସାକ୍ଷାତ

ରାଇକିଆ, ୦୬/୦୩ (ଆ.ପ୍ର) : ଜଜମାଳ ଜିଲ୍ଲା ରାଇକିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୨ ଗୋଟି ସଂଚାଳକ ର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ ଲୋକ ଭରସା କରୁଥିବା ବେଳେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା କ୍ଷେତ୍ରରେ ପଛୁଆ । ସାଧାରଣ ଚିକିତ୍ସା ନିମନ୍ତେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି । ଏହା ଦ୍ୱାରା ଘାଟି ତଳ ତଥା ଦୁର୍ଗମ ଅଂଚଳ ଜନସାଧାରଣ ଅଧିକ ଅସୁବିଧା ସମ୍ମୁଖୀନ ହେଉଥିବା ବିଷୟ ମଧ୍ୟ ସାମ୍ନାକୁ ଆସୁଛି । ଡାକ୍ତର ବିଷୟ କହିଲେ ନ ସରେ, ପ୍ରତ୍ୟେକ ଦିନ ଡାକ୍ତର ପରିବର୍ତ୍ତନ ହେଉଛନ୍ତି । ଦାନ୍ତ ଚିକିତ୍ସକ ଅଛନ୍ତି କିନ୍ତୁ ମେସିନ ଅଭାବ ରହିଛି ଫଳରେ ଲୋକେ ଜଦୟଗିରି ଯାଉଛନ୍ତି । ରକ୍ତ ନିମନ୍ତେ ହେଉ କି ଏକ୍ସରେ ନିମନ୍ତେ ଲୋକେ ଜଦୟଗିରି,ଟିକାବାଲି କିମ୍ବା ଫୁଲବାଣୀ ଯାଉଛନ୍ତି ଏହା ଏକ ଅତ୍ୟନ୍ତ ଦୃଷ୍ଟିକର ବିଷୟ । ଏ ସବୁ ଆବଶ୍ୟକତାକୁ ଲକ୍ଷ୍ୟ କରି ଆଜି ସ୍ୱାଙ୍କ ସଂଗଠନ ସଦସ୍ୟମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ ।

ଟିକାବାଲିରେ ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଟିକାବାଲି, ୦୬/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଥାନାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଥାନା ଅଧିକାରୀ ଶ୍ରୀଯୁକ୍ତ ସମୀର କୁମାର ବେହେରା । ଶ୍ରୀ ବେହେରା ଏହା ପୂର୍ବରୁ କୋଟଗଡ଼ ଥାନାରେ ଦାୟିତ୍ୱ ଭାର ତୁଲାଇଥିଲେ । ପୂର୍ବରୁ କାର୍ଯ୍ୟରତ ଥିବା ଥାନା ଅଧିକାରୀ ପ୍ରଜ୍ଞା ଚିତ୍ରସେନ କରୁଙ୍କୁ ପୁଲବାଣୀ ଟାଉନ୍ ଥାନାକୁ ବଦଳି ହୋଇଥିବା ଜଣାପଡିଛି । ଟିକାବାଲି ଥାନାରେ ଖାଲି ଥିବା ପଦବୀରେ ନୂତନ ଥାନା ଅଧିକାରୀ ସମୀର କୁମାର ବେହେରା ଦାୟିତ୍ୱ ଗ୍ରହଣ ପରେ କହିଛନ୍ତି । ଟିକାବାଲି ଅଂଚଳରେ ବିଭିନ୍ନ ସ୍ଥାନରେ ରାତ୍ର ସମୟରେ ପେଟ୍ରୋଲିଙ୍ଗ ଜରରେ ଗୁରୁତ୍ୱ ଦିଆଯିବା ସହିତ ଦିନକୁ ଦିନ ବଢୁଥିବା ଚୋରି, ଡକାୟତ, ଗଞ୍ଜେଇ ବେପାରୀ, ବଳକୁଦାର, ମଦୁଆଙ୍କ ଆଡା, ଉଚ୍ଚ ଗମିକ, ଭଳି ବିଭିନ୍ନ ସମସ୍ୟା ଜିଇଁବି ଚଳି ପାରିବ ଏବଂ ଟିକାବାଲି ଅଂଚଳବାସୀ ପାଇଁ ଇତିବ ସେବା ଯୋଗାଇ ଦେବାପାଇଁ ପ୍ରତିଶ୍ରୋ ଜାରି ରହିବ ବୋଲି ସୂଚନା ଦେଇଛନ୍ତି ।

ପ୍ରବୀଣ ଶିକ୍ଷକଙ୍କ ପରଲୋକ



ଦଶପଲ୍ଲା, ୦୬/୦୩ (ଆ.ପ୍ର) : ଦଶପଲ୍ଲା ଗ୍ରାମର ପ୍ରବୀଣ ଶିକ୍ଷକ ସେବକ ବିଶ୍ୱେଶ୍ୱର ରଣା ଏବଂ ଏସଏସି ଅନୁର୍ତ୍ତୀ ମାଦିସାହି ତଥା ହନୁମାନଙ୍କ ପରମ (୮୧)ରେ ନିଜ ବ । ସ ଭ ବ ନ ରେ ପରଲୋକ ଘଟିଛି । ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅସଂଖ୍ୟ ଛାତ୍ର ଛାତ୍ରୀଙ୍କୁ ପଢାଇବା ସହିତ ମଣିଷ କରିବାରେ ତାଙ୍କର ଅବଦାନ ରହିଛି । ଦିବଂଗତ ବିଶ୍ୱେଶ୍ୱରଙ୍କ ବିୟୋଗ ଖବର ପାଇ ତାଙ୍କ ମରଶରୀର ନିକଟରେ ଶେଷ ବର୍ଶନ ପାଇଁ ସହସ୍ରାଧିକ ଲୋକ ଜମାହୋଇଥିଲେ । ଅବେଶିଷ୍ଟ କ୍ରିୟା ପୁରା ସ୍ୱର୍ଗଦ୍ୱାରରେ ସମାପନ ହୋଇଥିଲା । ଜ୍ୟୋଷ୍ଣ ପୁତ୍ର ଲକ୍ଷ୍ମୀଧର ରଣା ମୁଖାଗ୍ନି ଦେଇଥିଲେ । ଏଲାକି ଶିକ୍ଷକଙ୍କ ମୃତ୍ୟୁର ଖବର ଶୁଣି ଦଶପଲ୍ଲା ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ସଉରୀ ଚରଣ ପି ଆଣ୍ଡ ଟି ଟ୍ରଷ୍ଟ ପକ୍ଷରୁ ଜର୍ସି ବଂଟନ ସହ ହେକ୍ସଲି ଉତ୍ସବ ପାଳନ

ଟାଙ୍ଗୀ ଚୌଦ୍ୱାର, ୦୬/୦୩ (ଆ.ପ୍ର) : କଟକ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସଉରୀ ଚରଣ ପି ଆଣ୍ଡ ଟି ଟ୍ରଷ୍ଟ ପକ୍ଷରୁ ଆଜି ହେକ୍ସଲି ଉତ୍ସବ ଅବସରରେ ଟ୍ରଷ୍ଟ ସଭାପତି ସଉରୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଖୁଣ୍ଟୁଣୀ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଠାରେ ଟ୍ରଷ୍ଟ ପକ୍ଷରୁ ସାମାଜିକ ଓ ଅର୍ଥସାମାଜିକ ପ୍ରତିଶ୍ରୁତି ଦିଆ ଯାଇଥିବା ପ୍ରାୟ ୫୦/୬୦ ଛାତ୍ରଛାତ୍ରୀ ମାନଙ୍କୁ ନୂତନ ଜର୍ସି ବଂଟନ ସହ ହେକ୍ସଲି ଉତ୍ସବ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଯୁବ ସାମାଜିକ ଉଦ୍ୟମ କୁମାର ନାୟକ ସଭା ପରିଚାଳନା କରିଥିବା ବେଳେ କଖତି ଗ୍ରାମପଂଚାୟତ ସରପଂଚଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଛତାର, ସୁଧାକର ଜି ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଜର୍ସି ପ୍ରଦାନ କରିବା ସହ ହେକ୍ସଲି ଉତ୍ସବ ପାଳନ କରିଥିଲେ ଟ୍ରଷ୍ଟ ଭସାହି ଯୁବକ ଅଭିନାଶ ବେହେରା, ଶୁଭମ୍ କୁମାର ସାହୁ, ଧନଞ୍ଜୟ ମହାପାତ୍ର, ତାପସ କୁମାର ନାୟକ, ରାହୁଲ କୁମାର ପଣ୍ଡିଆଣି, ଦିପ୍ତିମୟୀ ସ୍ୱାଇଁ, ଅଞ୍ଜଳି ରାଉତ, ବର୍ଶା ରାଣା ସାହୁ, ଲୁଜି,ପ୍ରମୁଖ ଟ୍ରଷ୍ଟର ପ୍ରାୟ ୫୦ ରୁ ଊର୍ଦ୍ଧ ପ୍ରତିଶ୍ରୁତ ନେଇଥିବା ଛାତ୍ରଛାତ୍ରୀ ମାନେ ଯେଉଁବେଳ ହେକ୍ସଲି ଉତ୍ସବ ପାଳନ କରିଥିବେ ବେଳେ ଟ୍ରଷ୍ଟର ସାଧାରଣ ସଂପାଦକ ଶୁଭେନ୍ଦୁ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଏକକ ସମ୍ପର୍କ ଅଭିଯାନରେ ବାଇକରେ ଓଡିଶା ପରିଭ୍ରମଣକାରୀ ହେମନ୍ତ ସାହୁଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର, ୦୬/୦୩ (ଆ.ପ୍ର) : ଯୁଗଯାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ଏକକ ସମ୍ପର୍କ ଅଭିଯାନରେ ଓଡିଶା ପରିଭ୍ରମଣ କରୁଥିବା ସାମାଜିକ ହେମନ୍ତ ସାହୁଙ୍କୁ ଜଗତସିଂହପୁରରେ ସ୍ୱାଗତ ସମ୍ବର୍ଦ୍ଧନା । ଜଗତସିଂହପୁର ଜିଲ୍ଲା ସାମାଜିକ ଯୁନିଅନ ପକ୍ଷରୁ ତାଙ୍କୁ ଜଗତସିଂହପୁରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଜଜମାଳ ଜିଲ୍ଲାର ଯୁଗଯାତ୍ରୀ ସାହିତ୍ୟ ସଂସଦ ଅନୁଷ୍ଠାନ ପକ୍ଷରୁ ଏହି ଏକକ ସମ୍ପର୍କ ଅଭିଯାନର ଶୁଭାରମ୍ଭ ଗତ ଫେବୃଆରୀ ମାସ ୧୬ ତାରିଖରୁ ହୋଇଛି । ବିଭିନ୍ନ ଜିଲ୍ଲା ପରିଭ୍ରମଣ କରି ଶ୍ରୀ ସାହୁ ଜଗତସିଂହପୁରରେ ପହଂଚିବା ପରେ ଜଗତସିଂହପୁର ଜିଲ୍ଲା ସାମାଜିକ ଯୁନିଅନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ପରେ ସ୍ଥାନୀୟ ସର୍ବିଟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ସାମାଜିକ ଯୁନିଅନର ରାଜ୍ୟ ସଂଗଠନ ସମ୍ପାଦକ ଶୁଭଙ୍କର ଜେନାଙ୍କ ନେତୃତ୍ୱରେ ଓ ଜଗତସିଂହପୁର ଜିଲ୍ଲା ସାମାଜିକ ଯୁନିଅନ ସଭାପତି ରମାକାନ୍ତ ଦାସ, କୋଷାଧ୍ୟକ୍ଷ ପ୍ରତାପ କୁମାର ସିଂହ, ସାମାଜିକ ଅମିକା ପ୍ରସାଦ ମହାପାତ୍ର, ପବିତ୍ର ମୋହନ ବେହେରା, ଏସକେ ରିୟାଜ ଉଦ୍ଦିନ ପ୍ରମୁଖଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଓ ଜରତାର ବେଉ ସ୍ୱାଗତ କରାଯିବା ପରେ ଏକକ ଅଭିଯାତ୍ରୀ ହେମନ୍ତ ସାହୁ ଏହି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଶ୍ରୀ ସାହୁ ନିଜ ସଂସଦର ଗୌରବମୟ ଇତିହାସ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବା ସହ ଏ ଯାତ୍ରା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଓଡ଼ିଶାରେ ପ୍ରଥମ ଥର ପାଇଁ ଯୁଗଯାତ୍ରୀ ସାହିତ୍ୟ ସଂସଦ ଡିଜିଲ୍ଲା ଜିଲ୍ଲାରୁ ବିଭିନ୍ନ ସାହିତ୍ୟ ଅନୁଷ୍ଠାନକୁ ସମ୍ପର୍କ ଅଭିଯାନରେ ସାମିଲ କରୁଥିବା କହିଥିଲେ । ଜଗତସିଂହପୁର ଜିଲ୍ଲା ସାମାଜିକ ଯୁନିଅନର ସଭାପତି ରମାକାନ୍ତ ଦାଶ ଯୁଗଯାତ୍ରୀର ଏ ପ୍ରଚେଷ୍ଟା ଅନ୍ୟ ସାହିତ୍ୟ ଅନୁଷ୍ଠାନମାନଙ୍କ ପାଇଁ ତଥା ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ଏକ ପ୍ରମୁଖ ପଦକ୍ଷେପ ବୋଲି ମତ ଦେଇଥିଲେ । ଏହି ଅଭିଯାନରେ ଓଡ଼ିଶାର ଚିରିଶ ଗୋଟି ଜିଲ୍ଲାରେ ଥିବା ସାହିତ୍ୟ ଅନୁଷ୍ଠାନ ଗୁଡ଼ିକୁ ସାରସ୍ୱତ ସମ୍ପର୍କର ଏକ ସୂତ୍ରରେ ବାନ୍ଧିବାର ପ୍ରୟାସ ତଥା ସାହିତ୍ୟ ଅନୁଷ୍ଠାନ ଗୁଡ଼ିକର ତଥ୍ୟ ସଂଗ୍ରହ ପୂର୍ବକ ' ଓଡ଼ିଶାର ସାହିତ୍ୟ ଅନୁଷ୍ଠାନ: ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିକୁ ଅବଦାନ' ଶୀର୍ଷକରେ ଏକ ପୁସ୍ତକ ପ୍ରକାଶ କରିବାର ଯୋଜନା ରହିଥିବା କହିଥିଲେ ଏକକ ଅଭିଯାତ୍ରୀ ଯୁଗଯାତ୍ରୀର ସମ୍ପାଦକ ହେମନ୍ତ ସାହୁ । ଏହି ଅଭିଯାନ ଜଜମାଳ ଜିଲ୍ଲାରୁ ଆରମ୍ଭ ହୋଇ ପର୍ଯ୍ୟାୟ କ୍ରମେ ସମସ୍ତ ଜିଲ୍ଲା ଯିବା ପରେ କଳାହାଣ୍ଡିରେ ମାର୍ଚ୍ଚ ମାସ ୧୮ ତାରିଖରେ ଶେଷ ହେବାର ଯୋଜନା ରହିଛି ।

ହାଇମାକ୍ସ ଲାଇଟ ଅଚଳ, କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ଖଣ୍ଡପଡ଼ା, ୦୬/୦୩ (ଆ.ପ୍ର) : ଖଣ୍ଡପଡ଼ା ସହରର ଡାକ୍ତରଖାନା ଛକରେ ଗତ ୫ ବର୍ଷ ତଳେ କଣ୍ଟାଧିକ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ହାଇମାକ୍ସ ଲାଇଟ ପୋଷ୍ଟଟି ରକ୍ଷଣାବେକ୍ଷଣ ଅଭାବରୁ ଏବେ ଅଚଳ ଅବସ୍ଥାରେ ଦଣ୍ଡାୟମାନ ହୋଇ ରହିଛି । ଲାଭ ହାଇମାକ୍ସ ଲାଇଟ ପୋଷ୍ଟରେ ଲଗାଯାଇଥିବା ୯ ଟି ଲାଇଟ ମଧ୍ୟରୁ ମାତ୍ର ୨ଟି ଲାଇଟ ଜଳୁଥିବାର ସଞ୍ଚ ନିଁଇଲେ ସହରର ଏହି ଗୁରୁତ୍ୱପୂର୍ଣ୍ଣ ଛକଟି ଏକଦମ ଅନ୍ଧାରରେ ରହୁଥିବାରୁ ସ୍ଥାନୀୟ ବାସିନ୍ଦା ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । କାରାମୟର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ହାଇମାକ୍ସ ଲାଇଟ ପୋଷ୍ଟରେ ଲାଗିଥିବା ଅଚଳ ଲାଇଟ ଗୁଡ଼ିକୁ ବଦଳାଇବା ବିଷୟରେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି । ଏକଦା ହାଇମାକ୍ସ ଲାଇଟ ଯୋଗୁଁ ଖଣ୍ଡପଡ଼ା ଡାକ୍ତରଖାନା ଛକଟି ଛକ୍ଷ ଆଲୋକୀକରଣରେ ଜଗଜ୍ଜ୍ୱଳିତ ହେଉଥିଲା । ଏବେ ଲାଭ ସ୍ଥାନ ଅନ୍ଧାରରେ ରହୁଛି । ଏଥିପ୍ରତି ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

ମହିଳା ଦିବସ ଉପଲକ୍ଷେ ଯୋଗ ଶିବିର ଅନୁଷ୍ଠିତ

ପୁରୀ, ୦୬/୦୩ (ଆ.ପ୍ର) : ମହିଳା ଦିବସ ଉପଲକ୍ଷେ ମହିଳା ମାନଙ୍କୁ ସଶକ୍ତ ତଥା ସୁସ୍ଥ ରଖିବା ଲକ୍ଷ୍ୟ ରେ ଶୁକ୍ରବାର ଦିନ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆୟୋଜିତ ହୋଇଛି ଯୋଗ ଶିବିର । କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉପସ୍ଥାନେ କରିବା ସହ ଯୋଗ ଦ୍ୱାରା ଶାରିରୀକ ସୁସ୍ଥତା ଓ ମାନସିକ ସ୍ଥିରତା ଦୃଢ ହୋଇଥାଏ ବୋଲି କହିଥିଲେ । ନିୟମିତ ଯୋଗ, ଧ୍ୟାନ, ପ୍ରାଣାୟମ, ଚାଲିବା ଅଭ୍ୟାସ ସମସ୍ତଙ୍କୁ ସୁସ୍ଥ ରଖିବା ସହ ଅସୁସ୍ଥତା ବଢଉଥ ଆଧୁଁକ ଝଡିକୁ ମଧ୍ୟ ସୁରକ୍ଷା ବେଇଥାଏ ବୋଲି ସେ ମତ ଦେଇଥିଲେ । ପରେ ଜୁମ୍ବା, ଏରୋବେଟିକ୍ସ, ପାରମ୍ପରିକ ନୃତ୍ୟ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଯୋଗ ପ୍ରଶିକ୍ଷକ ଆଲୋକ କୁମାର ସ୍ୱାଇଁ, ଲୁୟା ନୃତ୍ୟ ଗୁରୁ କିରୁମ ବେବନାଥ ଓ ମହିଳା ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଆସନ୍ତା ଜାଲି ୭ ତାରିଖରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଆତ୍ମସୁରକ୍ଷା, ନେତୃତ୍ୱ ନେ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୭ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବୃକ୍ଷରୋପଣ, ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଘଟାଲାରେ ସୂଚନା ଅଧିକାର ଖୋଲିଲା ପଂଚାୟତର ଦୁର୍ନୀତି

ତିର୍ତୋଲ, ୦୬/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଂଚାୟତ ରେ ବ୍ୟାପକ ଦୁର୍ନୀତି ହୋଇଥିବା ଦେଖିବାକୁ ମିଳିଛି । ସୂଚନା ଅଧିକାର ବଳରେ ପଂଚାୟତ ରେ ହୋଇଥିବା ବୃକ୍ଷରୋପଣ, ଲାଇଟ୍, ଏନ୍‌ଆରଇଏସ୍, ରାସ୍ତା ନିର୍ମାଣ ରେ ବ୍ୟାପକ ଦୁର୍ନୀତି ହୋଇଥିବା ଦେଖିବାକୁ ମିଳିଛି । ପଂଚାୟତର ଏକ ବ୍ୟକ୍ତି ଏ ସମସ୍ତ ଦୁର୍ନୀତି ଜାଣିବାଘାଟି ସୂଚନା ଅଧିକାର ବଳରେ ସମସ୍ତ ତଥ୍ୟ ମାଗିଥିଲେ । କିନ୍ତୁ ପିଇଓ ପଙ୍କଜ ମୋହନ ସାହୁ ଏହାକୁ ନଦେବା ପାଇଁ ଉକ୍ତ ବ୍ୟକ୍ତିଙ୍କୁ ଆବଶ୍ୟକ ଅର୍ଥ ପାଉ ଥେରେ ଅଧିକ ଅର୍ଥ ଦାବି କରିଥିଲେ । କିନ୍ତୁ ଉକ୍ତ ବ୍ୟକ୍ତି ଏଇକୁ ନ ଦେଇ ସମସ୍ତ ଅର୍ଥ ପଇଠ କରିଥିଲେ । ପରବର୍ତ୍ତୀ ସମୟରେ ପିଇଓ ଏହି ଅର୍ଥକୁ ଫେରାଇ ହଟହଟା ହୋଇଥିବା ଶୁଣିବାକୁ ମିଳୁଛି । ଏହି ସୂଚନା ଅଧିକାର ବଳରେ ଯାହା ତଥ୍ୟ ଆସିଛି ସେଥିରେ ଅନେକ କାଗଜପତ୍ର ଜାଲିଆତି ସହିତ

ଅନେକ ଦସ୍ତଖତ ଭୁଲ ରହିଥିବା ବେଳେ ଅନେକ କାର୍ଯ୍ୟରେ ମୋଟା ଅଙ୍କର ବିଲ୍ ହୋଇ କାମ ହୋଇନଥିବା ଦେଖିବାକୁ ମିଳିଛି ମିଳିଥିବା ସୂଚନା ଅନୁଯାୟୀ ଦୁରୁଖା ଗ୍ରାମରେ ଏକ୍ ପେଡ୍ ମା ଜେ ନାମ୍ ରେ ଦୁଇ ଲକ୍ଷ ଗୁ ଇର୍ଦ୍ଧ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ପଂଚାୟତର ପିଇଓ ପଙ୍କଜ ମୋହନ ସାହୁ କାଗଜପତ୍ର ରେ ଦର୍ଶାଇଛନ୍ତି କି ଉକ୍ତ ଜାଗାରେ ୫୦୦ ଗଛ ଲାଗିବା ସହିତ ଏହାର ରକ୍ଷଣା ବେକ୍ଷଣ ପାଇଁ ପଞ୍ଚାୟତ୍ ୬୧ ହଜାର ଖର୍ଚ୍ଚ ହୋଇଛି । ତେବେ ବଳକା ଅର୍ଥ କୁଆଡ଼େ ଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ଦାଇତ୍ୱ ସମ୍ପୂର୍ଣ୍ଣ ପିଇଓ ପଙ୍କଜ ମୋହନ ସାହୁଙ୍କ ଉପରେ ରହିଥିବାବେଳେ ବଳକା ଅର୍ଥ କୁଆଡ଼େ ଗଲାବେଳେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଲକ୍ଷ ମଧ୍ୟ ନ ଲଗାଯାଇଥିବା ଶୁଣିବାକୁ ମିଳୁଛି । ଖାଲି ସେତିକି ନୁହେଁ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ବୃକ୍ଷ ମରାଗଛଣିତ ଅନେକ ବୃକ୍ଷ କୁ ଗାଈ ଗୋରୁ ମଧ୍ୟ ଖାଇ ଗଲେଣି । ଅନ୍ୟପକ୍ଷରେ ପଂଚାୟତର ଅନେକ ବଜେଲ ରାସ୍ତା ବିଜା କାମରେ ବିଲ୍ ହେବା ସହିତ ଅଧାଥିବା ଏନ୍‌ଆରଜିଏସ୍ କାମ ଏବେ ପୂରଣ ହେଇଥିବା ନଜରକୁ ଆସୁଛି । ସେହିପରି ପଂଚାୟତ ରେ ଅନେକ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିଥିବା ବେଳେ ଏହାର ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ବିଲ୍ ହୋଇଥିବା ଦେଖିବାକୁ ମିଳିଛି । ଲୁଚିନା ରୋଡ଼ ଦୁଇଟା ବିଶୁଛି ଭଳି ସୂଚନା ଅଧିକାର ବଳରେ ପଂଚାୟତର ସମସ୍ତ ଗ୍ରାମ ଫିଟିବାର ଲାଗିଛି । ପୂର୍ବରୁ ନଜରୁପ ଓ ଭଡାର ଦୁର୍ନୀତି ମଧ୍ୟ ସୂଚନା ଅଧିକାର ବଳରେ ସାମ୍ନାକୁ ଆସିଥିଲେ । ଗରମ ପଂଚାୟତରେ ଏମିତି ଅନେକ ଦୁର୍ନୀତି ବ୍ଲକ ବିଡିଓଙ୍କ ମୁଣ୍ଡ ବିଝାର କାରଣ ପାଲଟିଛି । ପଂଚାୟତରେ ଅନ୍ତୋଦୟ ଭୂତ ଯୋଜନା ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଏ ସମସ୍ତ ଯୋଜନାରେ ମଧ୍ୟ ଅନେକ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଯୋଗ୍ୟ ଭାବରେ ଦେଖାଇବାକୁ ମିଳିଛି । ସେମାନଙ୍କ ପାଖରୁ ମୋଟା ଅଙ୍କର ଅର୍ଥ ନେଇ ସରପଂଚ, ପିଇଓ,ଏଡିଓ, ଜେଇଙ୍କ ସମେତ ବ୍ଲକ କର୍ମଚାରୀ ମାନେ ହିତାଧିକାରୀ ମାନଙ୍କୁ ଯୋଗ୍ୟ ଭାବରେ ଶୁଣିବାକୁ ମିଳୁଛି । ଏମିତି କି ପଂଚାୟତର ଜିଡି ଅଧାଗଡ଼ା ଘରକୁ ଅନ୍ତୋଦୟ ଗୃହ ଯୋଜନା ମଧ୍ୟ ସାମିଲ କରାଯାଇଛି । ଏହା କିପରି ସମ୍ଭବ ବୋଲି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରପଂଚ ପ୍ରତ୍ୟୁମ୍ନ କିଶୋର ଚଳନି ଓ ପିଇଓ ଫଡିର ମୋହନ ସାହୁ ପଂଚାୟତର ଦାଇତ୍ୱ ନେବା ପଛପାଛୁ ପଂଚାୟତର ଦୁର୍ନୀତି ଅମିବାର ନାଁ ନେଇନାହିଁ । ସେହିପରି ପଂଚାୟତର ନୂତନ କଣି ଦାଇତ୍ୱ ନେଇଥିବା ମହିଳା ସରପଂଚ ମୋନାଲିସା ମଲ୍ଲିକ ମଧ୍ୟ ହରାଡ଼ ଘଣରେ ପଡ଼ି ଯାଇଛନ୍ତି । ପଂଚାୟତ ର ପ୍ରତ୍ୟେକ କାର୍ଯ୍ୟରେ ମୋଟା ଅଙ୍କର ଅର୍ଥ ମାସୁଲ୍‌ବାବୁ ଅନେକ ଜାଗାରେ ତାଙ୍କୁ ବିରୋଧ କରାଯାଇଥିବା ଶୁଣିବାକୁ ମିଳୁଛି । ସରକାର ଏଥିପ୍ରତି ଦୃଷ୍ଟି ଦେବା କୁ ସାଧାରଣରେ ଦାବି ହେଉଛି ।

ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୫-୨୬ ଅନୁଷ୍ଠିତ

ନବରଙ୍ଗପୁର, ୦୬/୦୩ (ଆ.ପ୍ର) : ଆଜି ସ୍ଥାନୀୟ ସାରା କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଅନ୍ୟ ଅତିଥି ଭାବେ ସି ଡି ଏମ ଓ ଡ଼ ମଳୟ ପ୍ରଧାନ, ଏଡିସିଏଚ ଓ ଡ ମଳୟ ତ୍ରିପାଠୀ, ଡ ସୁକାନ୍ତ ଶତପଥୀ, ଡିଇଓ ଛତ୍ରପତି ସାହୁ,ଡି ଏସ ଡବ୍ଲୁ ଓ ବୁଦ୍ଧପୌରୀ କଣ୍ଡିର, ଡି ପି ଏମ (ଏନ୍ ଏଚ ଏମ) ଶଙ୍କର ଆଚାର୍ଯ୍ୟ ପ୍ରମୁଖ ମଂଚାସିନ ଥିଲେ । ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ଗ୍ରାମ ସ୍ତରରେ କାର୍ଯ୍ୟରତ ଆଶା କର୍ମୀ,ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ମାନଙ୍କର ଅବଦାନକୁ ସମ୍ମାନିତ କରାଯିବା ସହ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା, ସୁସ୍ଥ ଗାଁ ସୁସ୍ଥ ଜିଲ୍ଲା ଗଠନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏଡିସିଏଚଓ ଡ ମଳୟ ତ୍ରିପାଠୀ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ସମ୍ମାଳ୍ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ଜିଲ୍ଲାର ଗ୍ରାମଂଚଳରେ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହଯୋଗ କରୁଥିବା ଆଶାକର୍ମୀଙ୍କ ପରିଶ୍ରମ ଓ ନିଷ୍ଠାକୁ ପ୍ରଶଂସା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତଙ୍କ ସହଭାଗିତା ଜୁ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପାଳ ଡ଼ ସ୍ୱାଇଁ ଜିଲ୍ଲାରେ ଶତ ପ୍ରତିଶତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ ଉପରେ ଗୁରୁତ୍ୱ ଦେଇ ଆଶାକର୍ମୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ସମସ୍ତେ ବାଲ୍ୟ ବିବାହକୁ ନିରୁତ୍ସାହିତ କରିବା ଓ ଏହା ସେଭଳି ସମୁଳେ ଲୋପ ପାଇବ ତା ଉପରେ ସମସ୍ତେ ଦେଖା କରିବାକୁ କହିଲେ । ଜିଲ୍ଲାରେ ଡ଼ୁଣ ମୃତ ସ୍ତରରେ ସ୍ୱାସ୍ଥ୍ୟ ସେବାଯୋଗାଇବା, ପୋଷଣ, ବୃଦ୍ଧତା ଅଭ୍ୟାସ, ସୁରକ୍ଷିତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ, ଏମ୍ବୁଲାନ୍ସ ଓ ଅଣ ସଂକ୍ରାମକ ରୋଗ ପ୍ରତିରୋଧ, ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଚାର, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା, ଗ୍ରାମ୍ୟ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି, ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସଂଚାଳନ ରୂପାୟନ ଏବଂ ସହଭାଗିତା ଦ୍ୱାରା ଆଜି ଗ୍ରାମ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଉନ୍ନତି ପରିଲକ୍ଷିତ ହେଉଛି । ସ୍ୱାସ୍ଥ୍ୟ ସେବା ଜିଲ୍ଲାରେ ୩ ଲକ୍ଷ ୧୫ ହଜାର ପରିବାର ପାଇଁ ବର୍ତମାନ ୨୦୬୮ ଜଣ ଆଶା କର୍ମୀ, ୮ ଜଣ ଆଶା ସାଥୀ ସ୍ୱାସ୍ଥ୍ୟ ସେବାରେ ନିଯୁକ୍ତି ଅଛନ୍ତି । ଜିଲ୍ଲାରେ ୮୬୮ ଟି ଗାଁ କଲ୍ୟାଣ ସମିତି ଓ ୨୮୯ ଟି ଜନ ଆରୋଗ୍ୟ ସମିତି ମାଧ୍ୟମରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରାଯାଇଛି । ଏହି ଅବସରରେ ୧୦ ଜଣ ଶ୍ରେଷ୍ଠ ଆଶାଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନ, ୪୦ ଜଣଙ୍କୁ ବ୍ଲକ୍ ସ୍ତରୀୟ ଶ୍ରେଷ୍ଠ ଆଶା, ୧୦ଟି ଗାଁକୁ ସୁସ୍ଥ ଗାଁ, ୧୦ ଟି ଜନ ଆରୋଗ୍ୟ ସମିତି ଏବଂ ୯ ଟି ମହିଳା ଆରୋଗ୍ୟ ସମିତିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ସହ ସମ୍ମାନିତ କରାଗଲା ।ଏହା ସହିତ ସ୍ୱାସ୍ଥ୍ୟ ସଂସ୍ଥା ଗୁଡ଼ିକର ବୃଦ୍ଧତା ଓ ସେବା ଗୁଣବତ୍ତାକୁ ବୃଦ୍ଧିରେ ରଖି ୧୪୫ ଟି ସ୍ୱାସ୍ଥ୍ୟ ସଂସ୍ଥାକୁ ନାୟକଙ୍କ ପୁରସ୍କାର, ୪ଟି ସ୍ୱାସ୍ଥ୍ୟ ସଂସ୍ଥାକୁ ଏନ୍‌କ୍ୟୁ ଏଏସ ମାନ୍ୟତା ଏବଂ ୬୦ଟି ଶିକ୍ଷା ଅନୁଷ୍ଠାନକୁ ତମାଖୁ ମୁକ୍ତ ଅନୁଷ୍ଠାନ ଭାବେ ସମ୍ମାନୀତ କରାଯାଇଛି । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ମୁଲୁଗାଁ ପଂଚାୟତ ସୋସାଇଟିରେ ଚାଷୀଙ୍କ ହାଙ୍ଗାମା

ଜଗତସିଂହପୁର, ୫/୩(ଆପ୍ର): ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ମୁଲୁଗାଁ ପଂଚାୟତ ସୋଷାଇଟରେ ଚାଷୀଙ୍କ ହଙ୍ଗାମା, ଚାଲା ପକାଇଲେ ସୋଷାଇଟିରେ, ପରେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେଲେ ଚାଷୀ, ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଚାଷୀଲେ ଚାଷୀ, ମଣ୍ଡିରେ ଧାନ ନନେବା, ଠିକ୍ ସମୟରେ ଚାଷୀଙ୍କୁ ଖବର ନଦେବା, କଟାଣି, ଛଣାଣୀ କରିବା, ଚାଷୀଙ୍କୁ ହଇରାଣ କରିବା, ଟ୍ରକ୍ ମଣ୍ଡିକୁ ନ ଆସି ଠିକ୍ ସମୟରେ ଧାନ ନ ଉଠିବା ଆହୁରି ୧୫ ହଜାର ଲୁଜଟାଲ ଧାନ ମଣ୍ଡି ରେ

ପଡି ରହିବା ଟୋକନର ଅବଧି ସରିଯିବା ଇତ୍ୟାଦି ପ୍ରତିବାଦ ରେ ଶୋଷାଇଟ ରେ ତାଲା ପକେଇଲେ ଚାଷୀ, ଘଟଣା ସ୍ଥଳରେ ଉତେଜନା ଦେଖାଦେଇଛି ଭତ୍ୟକ୍ତ ଚାଷୀ ମାନେ ଏକତ୍ରିତ ହୋଇ ଜିଲ୍ଲାପାଳ ଅଫିସ ଆଗରେ ବିଶାଳ ଜମିବା ସହିତ ଧାରଣା ରେ ବସିଥିଲେ ଉପ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ତୁରନ୍ତ ମଣ୍ଡିରୁ ଧାନ ଉଠିବାର ପ୍ରତିଶ୍ରୁତି ପାଇବାପରେ ଧାରଣାରୁ ଉଠିବା ସହିତ ସୋସାଇଟି ତାଲା ଖୋଲି ଛଡି ଚାଷୀ, ଆଗାମୀ ଦିନରେ ଚାଷୀ ମାନଙ୍କ ଦାବି ପୂରଣ ନହୁଏ ତେବେ ରାସ୍ତାରେ ଧାନ ବଣ୍ଡା ରଖି ଧାରଣା ବେବେ ବୋଲି କହିଛନ୍ତି ଚାଷୀ ।

ବାଇକ-ବୋଲେରୋ ମୁହାଁମୁହିଁ ଧକ୍କା ବାଇକ ଚାଳକ ମୃତ

ବାଲିଗୁଡ଼ା, ୦୬/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଦାଉଗଦାଡ଼ି ବ୍ଲକ ଦକ୍ଷିଣରେ ନିକଟ ଶୁର୍ଣ୍ଣାମାହାରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଗୋଟିଏ ଅଜଣା ବୋଲେରୋ ପିକଅପ ଭ୍ୟାନ ସହ ମଟର ସାଇକେଲ ର ମୁହାଁମୁହିଁ ଧକ୍କା ହେବା ଫଳରେ ମଟର ସାଇକେଲ ଚାଳକ ଡିଲୋରି ଗ୍ରାମର ବୟା ମାଝିଙ୍କ ପୁତ୍ର ନାଲୁ ମାଝିଙ୍କ (୨୨) ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ । ଗୁରୁତର ଅବସ୍ଥାରେ ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦାଉଗଦାଡ଼ି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡିଜିସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ପାଳିତ

ନିମାପଡା, ୦୬/୦୩ (ଆ.ପ୍ର) : ନିମାପଡା- ଗୋପ ବିଜୁ ଜନତା ଦଳ ତରଫରୁ ଆଜି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ଲକ ସଭାପତି ଲୋକନାଥ ଖଟୋଇଙ୍କ ନେତୃତ୍ୱରେ ନିମାପଡା ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଏକ ବିରାଟ ବାଇକ୍ ଶୋଭାଯାତ୍ରା ବହାଗା ବଜାର ପରିକ୍ରମା କରି ବ୍ଲକ ଛକ ନିକଟରେ ଥିବା ଭଳ୍ଳକମଣି ପଣ୍ଡିତ ଗୋପବନ୍ଧୁ ଦାସ,ଜାତିର ପିତା ମହାତ୍ମା ଗାନ୍ଧୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଯୁବନେତା ବିଜୟ ପଟ୍ଟନାୟକଙ୍କ ସଂଯୋଜନାରେ ନିକଟସ୍ଥ ଟାଉନ ହଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏସୁରେ ନିମାପଡ଼ା ବିଜେଡି ସଂଗଠନ ସାଧିନ୍ଦ୍ରରେ ଥିବା ନେତା ସୁଭୁତ ଛାଟୋଇ, ନିମାପଡା ବ୍ଲକ ସଭାପତି ଲାଗାଧର ଖଟୋଇ,ଗୋପ ବ୍ଲକ ସଭାପତି ମହେଶ୍ୱର ସ୍ୱାଇଁ,ବ୍ଲକ ଅଧ୍ୟକ୍ଷ ଶୁନୁ ଲତା ମଲ୍ଲିକ,ଜିଲ୍ଲା ମହିଳା ଜନନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ଏନ ଏସି ଅଧ୍ୟକ୍ଷ ସମ୍ବିତ ସାହୁ, ଜିଲ୍ଲାପରିଷଦ ସଭ୍ୟା କୁଳଲତା ସାମଲ, ଜିଲ୍ଲା ପରିଷଦ ସଭ୍ୟା ସମ୍ବିତା ନାୟକ,ଜିଲ୍ଲାପରିଷଦ ସଭ୍ୟା ରବୀନ୍ଦ୍ର ନାଥ ମଲ୍ଲିକ ସାମଲ,ଏନଏସି ସଭାପତି ଧର୍ମପୁର ଦାସ,ବରିଷ୍ଠ ନେତୃତ୍ୱ ସତ୍ୟବାଦୀ ମହାପାତ୍ର, କୃପାସିନ୍ଧୁ ବଡ,ରବିନ୍ଦ୍ର ନାଥ ଦାସ, ଗୋପ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ପୂର୍ବତନ ସରପଂଚ ପବିତ୍ର ମହାପାତ୍ର, ଯୁବ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ସୋମେନ୍ ଦାସ, ସୁଜିତ ଜଳି, ଚୁଣାନ୍ତ ସ୍ୱାଇଁ,ମାଗାନେତ୍ରୀ ଏଲିନା ମହାପାତ୍ର, ଜୁଜି ସିଂ ପ୍ରମୁଖ ଯୋଗଦେଇ ଝଡ଼ର ଜଗଲ, ପ୍ରବାଦ ପୁରୁଷ ବିଜୁବାବୁଙ୍କୁ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ନବ ନିର୍ବାଚିତ କର୍ମକର୍ତା ଓ ବରିଷ୍ଠ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୧ତମ ଜୟନ୍ତୀ ପାଳିତ

ମାହାଙ୍ଗା, ୦୬/୦୩ (ଆ.ପ୍ର) : ଶରତକର ଓ ଅନିମାଳର ଫାଉଣ୍ଡେସନ୍ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୧ତମ ଜୟନ୍ତୀ ମାହାଙ୍ଗା ନିର୍ଗମନମଣ୍ଡଳୀ ଅର୍ନ୍ତଗତ ଜୟପୁର ଘାଟ(ଲୋନିଦାସପୁର)ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଜୁପଟ୍ଟନାୟକଙ୍କ ପୂର୍ଣ୍ଣାକୟବ ପ୍ରତିମୂର୍ତ୍ତିରେ ଧୂପଦୀପ ଆଦି ସହିତ ମାଲ୍ୟାର୍ପିତ କରି ଫାଉଣ୍ଡେସନର ଅଧ୍ୟକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ ଜର ମତବ୍ୟକ୍ତି କରିଥିଲେ ଯେ ବିଜୁ ବାବୁଙ୍କ ଭଳି ଜନନାୟକଙ୍କୁ ଜନ୍ମଦେଇ ଖାଲି ଓଡ଼ିଶା ନୁହେଁ ବରଂ ସାରା ଭାରତବର୍ଷ ଗୌରବାନ୍ୱିତ ହୋଇଛି । ଯୁବ ସମାଜ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ବିଜୁ ଜୟନ୍ତୀ ଜସ୍ୱରରେ ଅଧ୍ୟକ୍ଷତା କରି ମାହାଙ୍ଗା ମୈତ୍ରୀ ମଂଚର ସଂପାଦକ ବିଶିଷ୍ଟ ସ୍ତମ୍ଭକାର ନିର୍ଜିକ ପଟ୍ଟିକାର ସଂପାଦକ ଅବନୀ ଚନ୍ଦ୍ର ଦାସ ଶ୍ରଦ୍ଧାଞ୍ଜଳୀ ଜଣାଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶାସନକାଳରେ ସାମାଜିକ ଅଙ୍ଗୀକାର ବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ଉମ୍ବରୁଧର ପରିଡା, ସାମାଜିକ କର୍ମୀ ରାମଚନ୍ଦ୍ର ମହାପାତ୍ର, ଗିରିଶ ଚନ୍ଦ୍ର ଆଚାର୍ଯ୍ୟ, ଅରବିନ୍ଦ ଆଚାର୍ଯ୍ୟ, ଚିତନ୍ୟ ସାମଲ, ପ୍ରାକ୍ତନ ଶିକ୍ଷକ ଧନେଶ୍ୱର ପ୍ରଧାନ ପ୍ରମୁଖ ବିଜୁବାବୁଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳୀ ଜାଡ଼ିଥିଲେ । ଶରତକର ଓ ଅନିମାଳର ଫାଉଣ୍ଡେସନ ସଂସ୍ଥାପିତ କୃଷି ଉତ୍କର୍ଷ କେନ୍ଦ୍ରର ସଂଯୋଜକ ଶୁଭେନ୍ଦୁ ସାମଲ ଏହି ପୂଜାପୂଜା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ । ସମସରପୁର, ବୁଢ଼ି,ମଧୁପୁର, ସାହାପୁର, କୁହୁଣ୍ଡା, ଭୋଟା, ନୃତାଙ୍ଗ,ବାସୁଦେବପୁର, ଜଲଥା ଓ ବାଜପୁର ସମତେ ମାହାଙ୍ଗା ଅଂଚଳରୁ ସ୍ଥାନୀୟ ବହୁ ବିଜୁ ପ୍ରେମୀ ଜନସାଧାରଣ ତଥା ବୟୋଜ୍ୟେଷ୍ଠ ମୁରବୀ, ବରିଷ୍ଠ ନାଗରିକ, ଯୁବା ଛାତ୍ରଗୋଷ୍ଠୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

ପବିତ୍ର ଇଦ୍ ମାସ ପର୍ବରେ ଯୋଗ ଦେଲେ ଜିଲ୍ଲା ବିଜେଡି ସଂଯୋଜକ ଟୁନା ଦାଶ

ବାଲିଗୁଡ଼ା, ୦୬/୦୩ (ଆ.ପ୍ର) : ପବିତ୍ର ଇଦ୍ ପର୍ବ ପାଳନ ପାଇଁ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ପ୍ରସ୍ତୁତି ଜୋରଦାର ହୋଇଛି । ଇଦ୍ ମାସ ଆରମ୍ଭ ହେବା ସହିତ ମୁସଲିମ ଲାଇଲାଣୀ ମାନେ ଧାର୍ମିକ କାର୍ଯ୍ୟକ୍ରମ ଓ ପୂଜାପାଠ ରେ ମଗ୍ନ ହୋଇ ପଡ଼ିଛନ୍ତି । ଏହି ପବିତ୍ର ମାସରେ ମୁସଲିମ ଧର୍ମାବଲମ୍ବୀ ମାନେ ଉପବାସ ରଖି ଆଲ୍ଲାଙ୍କ ପ୍ରାର୍ଥନା କରିଥାନ୍ତି । ଏହି ସମୟରେ ମସଜିଦ ଗୁଡ଼ିକରେ ବିଶେଷ ନମାଜ ଓ ଧାର୍ମିକ ଅନୁଷ୍ଠାନ ହେଉଥାଏ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଉପବାସ ରଖି ଲୋକମାନେ ସନ୍ଧ୍ୟାବେଳେ ଇଫତାର କରିଥାନ୍ତି । ଏହା ସହିତ ଗରିବ ଓ ଦୁର୍ବଳ ଲୋକଙ୍କୁ ସହାୟତା କରିବା ପାଇଁ ମଧ୍ୟ ଏହି ମାସରେ ବି

ନିଷ୍ପକ୍ଷ
ଆରମ୍ଭ
SEITHO ARAMBHA
ଶନିବାର, ୭ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ପର୍ଥ ଟେଷ୍ଟ୍ : ଭାରତ ୧୯୮ ରନ୍‌ରେ ଅଲ୍‌ଆଉଟ୍

ପର୍ଥ, ୬।୩(ନ୍ୟୁ.ଏ): ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ଶୁକ୍ରବାରଠାରୁ ପର୍ଥରେ ଆରମ୍ଭ ହୋଇଥିବା ଏକମାତ୍ର ଟେଷ୍ଟର ପ୍ରଥମ ଦିନରେ ଭ୍ରମଣକାରୀ ଦଳ ପ୍ରଥମ ପାଳିରେ ୧୯୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି । ଏହାର ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୩ଟି ୱିକେଟ୍ ହରାଇ ୯୬ ରନ୍ କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଆରମ୍ଭରୁ ସ୍ମୃତି ମାନ୍ଧାନାଙ୍କ ୱିକେଟ୍ ହରାଇଥିଲା । ତେବେ ଶେଫାଳି ବର୍ମା (୩୫ ରନ୍) ଓ ପ୍ରତିକା ରାୱଲ(୧୮ରନ୍) ୩୫ ରନ୍‌ର ଏକ ଭାଗୀଦାର କରି ସ୍ଥିତିକୁ ସମ୍ଭାଳିଥିଲେ । ପରେ କେମିମା ରୋଡ୍ରିଗ୍ସ ଏକ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ହରମନପ୍ରୀତ କୌର (୧୯ରନ୍) ଓ ରିଚା ଘୋଷଙ୍କ ସହ ଦୁଇଟି ଉପଯୋଗୀ ଭାଗୀଦାର କରିଥିଲେ । ମାତ୍ର କେମିମା ଆଉଟ୍ ହେବା ପରେ ଭାରତୀୟ ମଧ୍ୟକ୍ରମ ବିଫଳ ହୋଇଥିଲା । ତେବେ ୯ ନମ୍ବରରେ ଆସିଥିବା କାସ୍‌ଭୀ ଗୌତମ୍ ଅପରାଜିତ ୩୮ ରନ୍‌ର ପାଳି ଖେଳି ସ୍କୋରକୁ ୧୯୮ରେ ପହଂଚାଇଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ୍ ସଦରଲାଣ୍ଡ ୪ଟି ଓ ଲୁସି ହାମିଲଟନ୍ ୩ଟି ୱିକେଟ୍ ନେଇଥିଲେ । ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୩ଟି ୱିକେଟ୍ ହରାଇ ୯୬ ରନ୍ କରିଛି । ଦଳର ଦୁଇ ଓପନର ଜର୍ଜିଆ ଭଲ୍ ଓ ଫୋବେ ଲିଚ୍‌ଫିଲ୍ଡ୍ ଶତ୍ତାରେ ପାଭିଲିୟନ୍ ଫେରିବା ପରେ ଏଲିସେ ପେରି (୪୩ଂଚ) ଓ ଆନାବେଲ୍ ସଦରଲାଣ୍ଡ୍ (୨୦) ପାଳିକୁ ସମ୍ଭାଳିଥିଲେ । ଭାରତ ପକ୍ଷରୁ ସୟାଲି ସାଘରରେ ୨ଟି ଓ ଜ୍ମାନ୍ତି ଗୌଡ଼ ଗୋଟିଏ ୱିକେଟ୍ ନେଇଛନ୍ତି । ସଂକ୍ଷିପ୍ତ ସ୍କୋର : ଭାରତ ପ୍ରଥମ ପାଳି :୬୨.୪ ଓଭରରେ ୧୯୮/୧୦ (କେମିମା ରୋଡ୍ରିଗ୍ସ ୫୨, ଶେଫାଳି ବର୍ମା ୩୫,କାସ୍‌ଭୀ ଗୌତମ୍ ୩୮*ଚ, ଆନାବେଲ୍ ସଦରଲାଣ୍ଡ ୪/୪୬, ଲୁସି ହାମିଲଟନ୍ ୩/୩୧) । ଅଷ୍ଟ୍ରେଲିଆ ପ୍ରଥମ ପାଳି: ୨୭ ଓଭରରେ ୯୬/୩ (ଏଲିସେ ପେରି ୪୩*ଚ, ଆନାବେଲ୍ ସଦରଲାଣ୍ଡ ୨୦, ସୟାଲି ସାଘରରେ ୨/୨୪, କ୍ରାନ୍ତି ଗୌଡ଼ ୧/୨୮) ।

ଟ୍ୱେଂଟି-୨୦ ବିଶ୍ୱକପ୍ ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସଂଜୁ ସାମସନ୍

ମୁମ୍ବାଇ: ଚଳିତ ଟ୍ୱେଂଟି-୨୦ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ଏକମାତ୍ର ଭାରତୀୟ ଖେଳାଳିଭାବେ ସଂଜୁ ସାମସନ୍ ସ୍ଥାନ ପାଇଛନ୍ତି । ଆଇସିସିର ସୂଚନା ଅନୁସାରେ ଏହି ଦୌଡ଼ରେ ମୋଟ ଆଠଜଣ ଖେଳାଳି ଅଛନ୍ତି, ସେମାନେ ହେଲେ ଇଂଲଣ୍ଡର ଅଲ୍‌ରାଉଣ୍ଡର ଫ୍ଲିଣ୍ଟ, ଜାହ, ପାକିସ୍ତାନୀ ଓପନର ସାହିବଜାଦା ଫରହାନ, ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଲୁଙ୍ଗି ଏନଗିଡି, ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାର୍କରାମ୍, ନ୍ୟୁଜିଲାଣ୍ଡ ଅଲ୍-ରାଉଣ୍ଡର ରାଚିନ ରବୀନ୍ଦ୍ର, ଓ୍ୱିକେଟ୍ ରକ୍ଷକ ଟିମ୍ ସେଫର୍ଟ, ୟୁସବେନ୍ଦ୍ର ଦ୍ରୁତ ବୋଲର ସାଚଲେ ଭାନ୍ ସାଲ୍‌ଭାଇଲ୍ । ସଂଜୁ ଚଳିତ ବିଶ୍ୱକପ୍‌ର ପ୍ରାରମ୍ଭିକ ମ୍ୟାଚ୍ ଗୁଡ଼ିକରେ ଖେଳିନଥିଲେ । ତେବେ ଓପନର ଅଭିଷେକ ଶର୍ମା ଅସୁସ୍ଥ ହେବା ପରେ ସେ ନାମିବା ବିଷୟ ମ୍ୟାଚ୍‌ରେ ତାଙ୍କୁ ସାମିଲ କରାଯାଇଥିଲା । ସୁପର-୮ ମ୍ୟାଚ୍‌ରେ ସେ ଚମତ୍କାର ଖେଳ ପ୍ରଦର୍ଶନ



କରାଯାଇଥିଲା । ପରେ ଅଭିଷେକ ବିଫଳ ହେବା ଓ ଓପନିଂରେ ଜଣେ ଡାହାଣହାତି ବ୍ୟାଟସମ୍ୟାଙ୍କ ଅବଶ୍ୟକତା ଅନୁଭୂତ ହେବା ପରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲା । ସୁପର-୮ ମ୍ୟାଚ୍‌ରେ ସେ ଚମତ୍କାର ଖେଳ ପ୍ରଦର୍ଶନ କରି ଦୁଇଟି ଲଗାତାର ମ୍ୟାଚ ବିଜୟୀ ପାଳି ଖେଳି ଭାରତକୁ ଫାଇନାଲ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଚଳିତ ବିଶ୍ୱକପ୍‌ରେ ସେ ଏପର୍ଯ୍ୟନ୍ତ ମୋଟ ୨୩୨ ରନ୍ ସଂଗ୍ରହ କରିଛନ୍ତି । ଏହା ମଧ୍ୟରେ ଦ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯୬ ରନ୍ (୫୦ ବଲ୍) ଓ ଇଂଲଣ୍ଡ ବିପକ୍ଷରେ ୮୯ ରନ (୪୨ ବଲ୍)ର ପାଳି ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ ଇଂଲଣ୍ଡର ଓ୍ୱିଲ୍ ଜାକ ଚଳିତ ବିଶ୍ୱକପ୍‌ରେ ୮ଟି ମ୍ୟାଚ୍ ଖେଳି ୨୨୬ ରନ୍ କରିବା ସହ ୯ଟି ୱିକେଟ୍ ନେଇଛନ୍ତି । ସେହିପରି ସାହିବଜାଦା ଫରହାନ୍ ୩।୮ରେ ରନ୍ କରି ଗୋଟିଏ ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ସର୍ବାଧିକ ରନ୍ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଦକ୍ଷିଣ ଆଫ୍ରିକାର ଲୁଙ୍ଗି ଏନଗିଡି ଚଳିତ ବିଶ୍ୱକପ୍‌ରେ ମୋଟ ୧୨ଟି ୱିକେଟ୍ ନେଇଥିବାବେଳେ ମାର୍କରାମ୍ ୨୮୬ ରନ୍ କରିବା ସହ ଗୋଟିଏ ୱିକେଟ୍ ନେଇଛନ୍ତି । ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ଟିମ୍ ସେଫର୍ଟ ତିନିଟି ଅର୍ଦ୍ଧଶତକ ସହ ମୋଟ ୨୭୪ ରନ୍ କରିଛନ୍ତି ।

ଇରାନ ମହିଳା ଫୁଟ୍‌ବଲରଙ୍କ 'ଦେଶଦ୍ରୋହୀ' ଆଚରଣ

ତେହେରାନ, ୬।୩(ନ୍ୟୁ.ଏ): ଆମେରିକା ଓ ଇସ୍ରାଏଲ୍ ବିପକ୍ଷରେ ଯୁଦ୍ଧ ଲଢୁଥିବା ଇରାନ୍ ଏବେ ଏକ ଖେଳପଡ଼ିଆ ଆଚରଣ ପାଇଁ ସମାଲୋଚିତ ହୋଇଛି । ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଦକ୍ଷିଣ ଏସିଆର ଜସ୍ ଇରଚାଟନୀ ମ୍ୟାଚ୍‌ରେ ଇରାନ ମହିଳା ଦଳ ଜାତୀୟ ସଂଗୀତ ଗାନ ବେଳେ ନୀରବ ରହିବା ଘଟଣାକୁ ଜସ୍‌ଲାମିକ ରିପବ୍ଲିକ୍ ଅଫ୍ ଇରାନ ବ୍ରଡକାଷ୍ଟିଂ ଉପସ୍ଥାପକ ମହମ୍ମଦ ରେଜା ସାହାବାଜି କଡ଼ା ସମାଲୋଚନା କରିଛନ୍ତି । ଏହା ଖେଳଳିଙ୍କ ଦେଶଭକ୍ତି ଭାବନାର ଅଭାବ ବୋଲି ସେ ଦର୍ଶାଇଛନ୍ତି । ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟଠାରେ ଗତ ସୋମବାର ଅନୁଷ୍ଠିତ ମ୍ୟାଚ୍ ବେଳେ ଇରାନ୍ ମହିଳା ଖେଳାଳିମାନେ ଜାତୀୟ ସଂଗୀତ ଗାନ ବେଳେ ନୀରବରେ ଛିଡ଼ା ହୋଇ ରହିଥିଲେ । ଏହି ମ୍ୟାଚ୍‌କୁ ସେମାନେ ୦-୩ରେ ହାରିଯିବାର ୩ ଦିନ ପରେ ଅଷ୍ଟ୍ରେଲିଆଠାରୁ ମଧ୍ୟ ୦-୪ରେ ପରାସ୍ତ ହୋଇଛନ୍ତି । 'ଯୁଦ୍ଧ ସମୟରେ ଏହି ଦେଶଦ୍ରୋହୀମାନଙ୍କୁ କଠୋର ଦଣ୍ଡ ମିଳିବା' ସପ୍ତାହରେ ମଧ୍ୟ ସାହବାଜି ସ୍ୱର ଉଠାଇଛନ୍ତି । ଏଇଭଳି ଦେଶବିରୋଧୀ ଆଚରଣ ମଧ୍ୟ ଅସହାନର ସର୍ବୋଚ୍ଚ ସ୍ତର ବୋଲି ସାମାଜିକ ରସାନାମାମରେ ସେ ଦର୍ଶାଇଛନ୍ତି । ତେବେ ଏସୀୟ ଫୁଟ୍‌ବଲ୍ ସଂଘ, ଇରାନ୍ ଫୁଟ୍‌ବଲ୍ ସଂଘ ଏ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦେବାନାହାନ୍ତି । ଇରାନ ମହିଳା ନିଜ ଶେଷ ମ୍ୟାଚ୍ ରବିବାର ଫିଲିପାଇନ୍ସ ବିପକ୍ଷରେ ଖେଳିବ ।

ଅଲ୍‌ଇଂଲଣ୍ଡ ବ୍ୟାଡ୍‌ମିଂଟନ୍ : କ୍ୱାର୍ଟରରେ ଲକ୍ଷ୍ୟ ସେନ୍

ବର୍ମିଂହାମ, ୬।୩(ନ୍ୟୁ.ଏ): ବିଶ୍ୱର ୧୨ ନମ୍ବର ମାନ୍ୟତାପ୍ରାପ୍ତ ବ୍ୟାଡ୍‌ମିଂଟନ୍ ଖେଳାଳି ଭାରତର ଲକ୍ଷ୍ୟ ସେନ୍ ମର୍ଯ୍ୟାଦାଜନକ ଅଲ୍‌ଇଂଲଣ୍ଡ ଓପନ୍ ପ୍ରତିଯୋଗିତାର କ୍ୱାର୍ଟର-ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଗୁରୁବାର ସେ ହଂଙ୍କଂର ଏନଜି କା ଲଙ୍ଗ୍ ଆଙ୍ଗସ୍‌ଙ୍କୁ ୨୧-୧୯,୨୧-୨୩, ୨୧-୧୦ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ୨୦୨୧ ବିଶ୍ୱ ଚାମ୍ପିୟନସିପ୍ କାଂସ୍ୟପଦକ ବିଜେତା ଲକ୍ଷ୍ୟ କ୍ୱାର୍ଟରରେ ଚୀନ ଖେଳାଳି ତଥା ୬ଷ୍ଟ ସିଡ୍ ଲି ସି ଫେଙ୍ଗଙ୍କୁ ଭେଟିବେ । ସେନ୍ ନିଜର ପ୍ରଥମ ମ୍ୟାଚ୍‌ରେ ଚୀନ୍‌ର ସି ଯୁଜିଙ୍କୁ ୨୩-୨୧, ୨୧-୧୯ରେ ପରାସ୍ତ କରିଥିଲେ । ତେବେ ଭାରତର ମିଶ୍ରିତ ଯୁଗଳ ଯୋଡ଼ି ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋଙ୍କ ମୁକାବିଲା ଅଧାରେ ଅଟକିଯାଇଛି । ତାଙ୍କୁ ଚୁନ୍ ମାନ ଓ ସି ୟିଙ୍କ ସୁଏଙ୍କ ବିରୋଧରେ ମୁକାବିଲା ଚାଲିଥିବାବେଳେ ଧ୍ରୁବଙ୍କ ପିଠି ଯନ୍ତ୍ରଣା ଯୋଗୁଁ ଭାରତୀୟ ଯୋଡ଼ି

ଅଧାରୁ ଓହରି ଯାଇଥିଲେ । ପ୍ରତିଯୋଗିତାର ଆରମ୍ଭରୁ ଭାରତର ୧ନମ୍ବର ପୂରୁଷ ଯୁଗଳ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟୀ ବିଦାୟ ନେଇଛନ୍ତି । ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଯୋଡ଼ି ୨୩-୨୧, ୨୧-୧୨ରେ ମାଲେସିଆର ଆଗ୍ରାଉଁ ତାଇ ଓ ଖାଜ୍ ଖାଇ ଜିଙ୍କଙ୍କୁ ହାରିଯାଇଥିଲେ । ଏଥିସହ ୨୦୨୪ ବିଶ୍ୱ ଜନିଷ୍ଟ ପ୍ରତିଯୋଗିତା ଜିତିଥିବା ୧୯ ବର୍ଷୀୟ ତାଇ ଓ ଚି' ବରିଷ୍ଠ ବର୍ଗରେ ବଡ଼ ସଫଳତା ପାଇଛନ୍ତି । ଅଳିଷ୍ଟ ସାତ୍ୱିକ-ଚିରାଗ ପ୍ରଥମ ଗେମ୍‌ରେ ଏକଦା ୧୧-୬ରେ ଆଗୁଆ ଥିଲେ । ହେଲେ ତାଇ ଓ ଚି' ଚମତ୍କାର ପ୍ରଦର୍ଶନ କରି ଲଗାତାର ୧୨ ପଏଂଟ କରାୟତ କରି ସ୍ଥିତି ୧୮-୧୬ରୁ ଆଣିଥିଲେ । ଏହାପରେ ସ୍ଥିତି ୨୧-୨୧ ଟାଇ ରହିବା ପରେ ମାଲେସିଆ ଖେଳାଳି ୨ ପଏଂଟ ନେଇ ପ୍ରଥମ ଗେମ୍ ଜିତି ନେଇଥିଲେ । ଦ୍ୱିତୀୟ ଗେମ୍‌ରେ ସାତ୍ୱିକ-ଚିରାଗ ବହୁ ପଛରେ ପଡ଼ି ଛାଡି ମ୍ୟାଚ୍ ହାତଛଡ଼ା କରିଥିଲେ । ସେହିପରି ମହିଳା ଯୁଗଳ ଯୋଡ଼ି ତ୍ରୀଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ କଡ଼ା ସଂଘର୍ଷ କରି ୧୫-୨୧, ୨୧-୧୫, ୧୮-୨୧ରେ ଜାପାନର ସାୟାକା ହିରୋତା ଓ ଆୟାକୋ ସାକୁରାମୋତୋଙ୍କୁ ହାରି ବିଦାୟ ନେଇଛନ୍ତି ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ; ସିବସିଏସ୍‌ଇ ଦଶମ ପରୀକ୍ଷା ବାତିଲ କଲା ବୋର୍ଡ !

ନୂଆଦିଲ୍ଲୀ, ୬।୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (CBSE) ଏକ ବଡ଼ ନିଷ୍ପତ୍ତି ନେଇଛି । ସୁରକ୍ଷା ଦୃଷ୍ଟିକୋଣରୁ ବିଦେଶରେ ପଢୁଥିବା ହଜାର ହଜାର ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ସୂଚୀରେ ବ୍ୟାପକ ପରିବର୍ତ୍ତନ କରାଯାଇଛି । ସବୁଠାରୁ ବଡ଼ ଖବର ହେଉଛି, ୭ଟି ଦେଶରେ CBSE ଦଶମ ଶ୍ରେଣୀ ପରୀକ୍ଷାକୁ ବାତିଲ କରିଦିଆଯାଇଛି । ବୋର୍ଡର ସୂଚନା ଅନୁଯାୟୀ, ବାହରିନ୍, ଇରାନ୍, କୁୱେତ୍, ଓମାନ୍, କତାର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (UAE) ଦେଶରେ ଏହି ନିୟମ ଲାଗୁ ହେବ । ୭ ମାର୍ଚ୍ଚରୁ ୧୧ ମାର୍ଚ୍ଚ ୨୦୨୬ ମଧ୍ୟରେ ହେବାକୁ ଥିବା ସମସ୍ତ ପରୀକ୍ଷା ବାତିଲ ହୋଇଛି । ପୂର୍ବରୁ ସୂଚିତ ରହିଥିବା ୨, ୫ ଏବଂ ୬ ମାର୍ଚ୍ଚ ପରୀକ୍ଷା ତୁଡ଼ିକ ମଧ୍ୟ ଆଉ ହେବ ନାହିଁ । ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଛାତ୍ରଛାତ୍ରୀଙ୍କ ଆସେସମେଣ୍ଟ ବା ସ୍କୁଲ୍ ରେକର୍ଡ ଆଧାରରେ ମାର୍କ ଦିଆଯାଇପାରେ, ଯାହାର ସ୍ପଷ୍ଟ ସୂଚନା ପରବର୍ତ୍ତୀ ସମୟରେ ଦିଆଯିବ । ଆସନ୍ତା ୭ ମାର୍ଚ୍ଚ ୨୦୨୬ ରେ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ୯ ମାର୍ଚ୍ଚ

ପରବର୍ତ୍ତୀ ପରୀକ୍ଷା ତୁଡ଼ିକ ସମ୍ପର୍କରେ ସ୍ଥିତି ସମୀକ୍ଷା କରିବା ପରେ ନୂଆ ତାରିଖ ଘୋଷଣା କରାଯିବ । ବୋର୍ଡର ଅଫିସ କରିଛି ଯେ, 'ଛାତ୍ରଛାତ୍ରୀ କିମ୍ବା ଅଭିଭାବକମାନେ ଆଦୌ ଇଉଲାଟ ହୁଅନ୍ତୁ ନାହିଁ । ଜେଇଇସି ଗ୍ରୁପରରେ ବିଶ୍ୱସ୍ତ ନକରି ସ୍କୁଲ୍ କର୍ତ୍ତୃପକ୍ଷ ଏବଂ CBSE ଅଫିସିଆଲ ୱେବସାଇଟ୍ ଉପରେ ନଜର ରଖନ୍ତୁ ।' ମଧ୍ୟପ୍ରାଚ୍ୟରେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ବୋର୍ଡ ସମସ୍ତ ପରୀକ୍ଷା ବାତିଲ କରିବାର ସମ୍ଭାବନା ପୂର୍ବରୁ ଥିଲା । ଇରାନ୍ ଉପରେ ଇସ୍ରାଏଲ ଏବଂ ଆମେରିକାର ଆକ୍ରମଣ ପରେ ଉପସାଗରୀୟ ଦେଶଗୁଡ଼ିକରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଇରାନ ଉପସାଗରୀୟ ଦେଶଗୁଡ଼ିକ ଉପରେ ଡ୍ରୋନ୍ ଆକ୍ରମଣ କରି ପ୍ରତିଶୋଧ ନେଇଛି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ଏହି ସଂଘର୍ଷ ସୃଷ୍ଟି ହୋଇଛି ।

ରୁଷ ତେଲ କ୍ରୟ ପାଇଁ ଅନୁମତି ଦେଲା ଆମେରିକା

ନୂଆଦିଲ୍ଲୀ, ୬।୩(ନ୍ୟୁ.ଏ): ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ରୁଷ୍ ତୈଳ ଭ୍ରୟ ଉପରେ କରାଯାଇଥିବା କଟକଣାକୁ ଆମେରିକା ୩୦ ଦିନ ପାଇଁ ଜୋହନ କରିଛି । ତେଣୁ ଭାରତ ଏବେ ଅବାଧରେ ରୁଷରୁ ବିପୁଳ ପରିମାଣର ତେଲ କିଣିପାରିବ । ସେଥିପାଇଁ ବାଟ ଫିଟିଛି । ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଂଟ ଗୁରୁବାର କହିଛନ୍ତି ଯେ ଭାରତୀୟ ତୈଳ କମ୍ପାନିଗୁଡ଼ିକୁ ରୁଷ ତୈଳ ଭ୍ରୟ କରିବାକୁ ଆମେରିକା ୩୦ ଦିନର ଛାଡ଼ ପ୍ରଦାନ କରିବ । ଏହାଦ୍ୱାରା ପରିବହନ କରାଯାଇଥିବା ତେଲକୁ ଭାରତ ସହଜରେ କିଣିପାରିବ । ସେ ଏହି ପଦକ୍ଷେପକୁ ବିଶ୍ୱ ଶକ୍ତି ବଜାରରେ ସ୍ଥିରତା ବଜାୟ ରଖିବା ପାଇଁ ଏକ ଅସ୍ଥାୟୀ ପଦକ୍ଷେପ ବୋଲି କହିଛନ୍ତି । ବେସେଂଟ କହିଛନ୍ତି ଯେ ସାରା ବିଶ୍ୱରେ ତୈଳ ପୁରାହକୁ ଜାରି ରଖିବା ପାଇଁ ଭାରତୀୟ କମ୍ପାନିଗୁଡ଼ିକୁ ରୁଷ ତୈଳ ଭ୍ରୟ ଅନୁମତି ଦିଆଯାଇଛି । ଏହାଦ୍ୱାରା ରୁଷ ସରକାରଙ୍କୁ କୌଣସି ଆର୍ଥିକ ଲାଭ ମିଳିବ ନାହିଁ । କାରଣ ତେଲ ନେଇ ସମୁଦ୍ର ପଥରେ ବାହାରିଥିବା ଜାହାଜଗୁଡ଼ିକ ଲଗରେ ଏହି ସୁବିଧା ଲାଭୁ ହେବ । ତେବେ ସମୁଦ୍ରରେ ଫସି ରହିଥିବା ଜାହାଜରୁ କମ୍ପାନିଗୁଡ଼ିକ ତେଲ କିଣିପାରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି । ରୁଷରୁ ତେଲ କିଣୁଥିବାରୁ ଋଷ୍ଣ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତବର୍ଷ ଅଗଷ୍ଟରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କକୁ ଜରିମାନା ଭାବେ ଲାଗୁ କରିଥିଲେ । ଚଳିତ ବର୍ଷ ଫେବୃଆରି ୬ରେ ସେହି ଶୁଳ୍କକୁ ସେ ପ୍ରତ୍ୟାହାର କରିବା ସହ ଭାରତ ଉପରେ ଲାଗିଥିବା ମୋଟ୍ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେ । ନିକଟରେ ଆମେରିକା ସୁପ୍ରିମ କୋର୍ଟଙ୍କ ଏକ ରାୟରେ ଟ୍ରମ୍ପଙ୍କ ଶୁଳ୍କକୁ ଅବୈଧ ଘୋଷଣା କରାଯାଇଥିଲା । ଏହାପରେ ଟ୍ରମ୍ପ ନିଜ ଆଡୁ ବୁଲା ପର୍ଯ୍ୟାୟରେ ୧୫ ପ୍ରତିଶତ ଶୁଳ୍କ ଲଗାଇଥିଲେ । ଯୁକ୍ରେନ ସହ ଯୁଦ୍ଧ କରୁଥିବା ଋଷର ଆୟ ଉତ୍ସ ବନ୍ଦ କରିବା ଲାଗି ତାହାର ତୈଳ ଉପରେ ଆମେରିକା କଟକଣା ଲଗାଇଥିଲା । ରୁଷର ଦୁଇ ତେଲ କମ୍ପାନି ରୋଜନେଫ୍ଟ ଓ ଲୁକୋଏଲ୍ ଉପରେ ମଧ୍ୟ କଟକଣା ଲାଗିଥିଲା । ଏହି କଟକଣା ଯୋଗୁ ରୁଷରୁ ଭାରତ ମଗାଉଥିବା ତେଲ ପରିମାଣ ଯଥେଷ୍ଟ ହ୍ରାସ ପାଇଛି । ଇରାନ ସହ ଆମେରିକା ଓ ଇସ୍ରାଏଲ ଯୁଦ୍ଧ କରୁଥିବାରୁ ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ହରମୁଜ୍ ପ୍ରଣାଳୀ ପ୍ରଭାବିତ ହୋଇଛି । ଇରାନ ସେହି ଜଳପଥକୁ ବନ୍ଦ କରିଥିବା ଦାବି ହେଉଛି । ହରମୁଜ୍ ପ୍ରଣାଳୀ ହେଉଛି ଏକ ସଂକୀର୍ଣ୍ଣ ଜଳପଥ ଯାହା ମଧ୍ୟ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍.ଏନ୍.ଜି) ପରିବହନ କରାଯାଉଛି । ଭାରତର ୫୦ ପ୍ରତିଶତ ତୈଳ ଏହି ପଥ ଦେଇ ଆସୁଛି । ହରମୁଜ୍ ପ୍ରଣାଳୀରେ ଯୋଗାଣ ବାଧାପ୍ରାପ୍ତ ହେବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ଦ୍ରୁତ ଗତିରେ ବଢୁଛି । ଏହା ୮୦ ଡଲାରରୁ ଅଧିକ ହୋଇଗଲାଣି । ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ହରମୁଜ ପ୍ରଣାଳୀ ଖୋଲିବାକୁ ପଦକ୍ଷେପ ନିଆଯିବ ନାହିଁ ତେବେ ତୈଳ ଓ ଗ୍ୟାସ୍ ମୂଲ୍ୟରେ ଅହେତୁକ ବୃଦ୍ଧି ଆଶଙ୍କାକୁ ଏଡ଼ାଇ ହେଉନାହିଁ ।

ଓମାନ ଉପସାଗରରେ ମୁତୟନ ହେଲା ଭାରତର ଯୁଦ୍ଧ ଜାହାଜ

ନୂଆଦିଲ୍ଲୀ, ୬।୩(ନ୍ୟୁ.ଏ): ଭାରତ ଓମାନ ଉପସାଗରରେ ଷ୍ଟିଲ୍ଥ୍ ଗାଇଡେଡ୍ ମିସାଇଲ୍ ବିଧ୍ୱଂସକ INS ସୁରତକୁ ମୁତୟନ କରିଛି । ଏହି ମୁତୟନ ଏପରି ସମୟରେ ହୋଇଛି ଯେତେବେଳେ ଭାରତ ମହାସାଗରରେ ଆମେରିକୀୟ ବୁଡାଜାହାଜ ଇଗାମର ଡେନା ଯୁଦ୍ଧ ଜାହାଜକୁ ଟର୍ପେଡୋ ଜରି ଧ୍ୱଂସ କରି ଦେଇଥିଲା । ଏହା ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି,ଭାରତୀୟ ନୌସେନା ଓମାନ ଉପସାଗରରେ INS ସୁରତକୁ କାର୍ଯ୍ୟରେ ମୁତୟନ କରିଛି, ତାହା ଭାବିବା ସ୍ୱାଭାବିକ । ଏହାର ଉପସ୍ଥିତି ଉତ୍ତେଜନା ସହ କେଉଁ ଭଳି ସମ୍ପୃକ୍ତ ରହିଛି ? ଏହାର କଣ ଉଦ୍ଦେଶ୍ୟ ରହିଛି ? ପଶ୍ଚିମ ଏସିଆରେ ଆମେରିକା,ଇସ୍ରାଏଲ ଏବଂ ଇରାନ ମଧ୍ୟରେ କଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ, ଭାରତ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହାର ନୌସେନା ଉପସ୍ଥିତିକୁ ମଜବୁତ କରିଛି । ଭାରତୀୟ ନୌସେନା ଅତ୍ୟାଧୁନିକ ଷ୍ଟିଲ୍ଥ ଗାଇଡେଡ୍ ମିସାଇଲ୍ ବିଧ୍ୱଂସକ INS ସୁରତକୁ ଓମାନ ଉପସାଗରରେ ମୁତୟନ କରିଛି । ଏହି ମୁତୟନ ସାମୁଦ୍ରିକ ବାଣିଜ୍ୟ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏହି ଅଂଚଳରେ ବଢୁଥିବା ବିପଦ ମଧ୍